# Souvenir

## Sri Aurobindo's
## Sacred Relics Installation

DECEMBER 2003

ALL ORISSA
SRI AUROBINDO STUDY CIRCLE COMMITTEE

MATRUBHABAN
SRI AUROBINDO MARG, CUTTACK - 753 013



Our deep Gratitude at the Feet of the Lord Sri Aurobindo
on the occasion of His Sacred Relics Installation

SRI AUROBINDO ASHRAM TRUST

*TELEGRAM:*
AUROBINDO, PONDICHERRY
☎: 2332102

Pondicherry - 605002
India

Date: 09.05.2003

To:
The Convener,
All Orissa Sri Aurobindo Study Circle Committee
Matrubhaban
Cuttack – 750013

Dear Friends,

The Trustees with the help and advice of several other devotees have approved the enshrinement of the Sacred Relics of Sri Aurobindo at the following Centres in Orissa

1. Jalada
2. Dera
3. B. Maliguda
4. Soheia
5. Betanoti
6. Paikakushadiha
7. Junagarh
8. Khariar
9. Rayagada (Barijhola)
10. Kotpad
11. Cement Nagar
12. Kumbharamundhakata

We suggest that the Relics may be accepted from the Ashram in the month of December 2003 for distribution to the different Centres. Navajyoti Karyalaya will also directly communicate this decision to the above named twelve Centres. Kindly ensure that all the construction work is completed latest by the 15th of October 2003. Please send the completion report before the end of October 2003

Invoking The Mother's Blessings and Protection to all the members of the above Centres.

Thanking you

Managing Trustee
SRI AUROBINDO ASHRAM TRUST
Pondicherry - 605 002.

# Dada's very best wishes....

*Pranab Kumar Bhattacharya*

**Department of Physical Education**

SRI AUROBINDO ASHRAM

Telegram:
SRI AUROBINDO - PONDICHERRY

PONDICHERRY - 05 002, INDIA

Dated 13-11-03 19

Dear Gadadharbhai
and Prosadbhai,

Your telegram regarding the Celebration of Sri Aurobindo's relics installation in Orissa in hand.

I have prayed to Mother for you all. Sending Her Ashirvadi.

May She help you for a successful completion of your endeavour.

With very best wishes.

Yours affly, "Dada"

# Dr. Nirodbaran's feelings...

From: Nirodbaran
Sri Aurobindo Ashram
Pondicherry.

To
Dear Gadadhar and Prasad.

I am happy to know that the Sacred Relics of Sri Aurobindo is going to be installed at 12 different places in Orissa during DECEMBER 2003. I have been requested to write something for the concerned souvenir. I feel to write the following few lines:-

All the experiences and realisations of Sri Aurobindo are ingrained in each atom of His body. Those atoms of His body are perpetually emanating the supramental Light, Power and Consciousness.

So, the devotees must pay their highest respect to the Place of Relics and maintain it with their utmost devotion and unfailing sincerity.

Nirod Baran
31,10,2003

*Sri Amalkiran's message...*

For the Souvenir

= Message for the Installation
Of Sri Aurobindo's Relics in Orissa. =

We admire your deep feelings for Lord Sri Aurobindo. We wish you full success in all your admirable ventures. Our hearts will go with anything you do sincerely for the Mother and Sri Aurobindo.

As long as you have Sri Aurobindo in your hearts, all that you say or do will have the fragrance of the Truth that is also Beauty.

Amal Kiran
23.10.2003
7.30 P.M.

*Sharmajee writes...*

# A Message

As we look around our life globally we are reminded of an episode in the Mahabharat when a wheel of Karna's chariot gets stuck in mud.Karna, the hero makes a great effort to pull it out. But a strange thing happens. The wheel instead of coming up sinks deeper and deeper down in the mud. Such is the story of our age. The more we use our intelligence, the more we devise scientific instruments to improve the condition of life, the more we find ourselves getting involved in a situation of increasing danger. Are we not like Karna fighting against Truth and God ? Sri Aurobindo has called this age as 'The Hour of God'.

We in India are fortunate enough to belong to the land from which has gone out His message of hope. But all here are not equally attentive. Ours is like a vast subcontinent and its complexity of features reflects, more or less, the global complexity of human nature. All of us are not equally mindful and our response to the message of Sri Aurobindo is not unified and equal. In this regard Orissa seems to be in the vanguard. People there are largely opened where studies are undertaken and efforts to organise life are made on the basis of the truth held out by The Mother and Sri Aurobindo.

In this way the work going on in Orissa is an example set before India and the World. We have now in Orissa numerous centres where the Relics of Sri Aurobindo have been installed. These are the centres of inspirition which enshrine the hope of a luminous future beyond the uncertainties and turmoil of our present condition.

My prayer to the Divine Mother is that we may awake to this message of the transformation of life in Light and God.

**(C.N. Sharma)**

*ଶ୍ରୀ ବିଶ୍ୱମ୍ଭର ସାମନ୍ତ ଲେଖନ୍ତି...*

# ପୂର୍ଣ୍ଣଯୋଗରେ ପରମଙ୍କ ସ୍ୱରୂପ

**ଶ୍ରୀ**ଅରବିନ୍ଦଙ୍କ ଶରୀର ପ୍ରତି ଶ୍ରଦ୍ଧାଞ୍ଜଳି ଓ କୃତଜ୍ଞତା ଜଣାଇ ସମାଧି ଫଳକରେ ଲିଖିତ ଶ୍ରୀମା'ଙ୍କ ବାଣୀଟି ଆରମ୍ଭ ହୋଇଛି "To Thou who hast been the material envelope of our Master..." "ତମକୁ, ଯେ ଆମର ପ୍ରଭୁଙ୍କର ଭୌତିକ ଆବରଣ ଥିଲ....." - ଶ୍ରୀଅରବିନ୍ଦଙ୍କ ଶରୀର ଯେଉଁ ପ୍ରଭୁଙ୍କର ଭୌତିକ ଆବରଣ ଥିଲା, ଆମର ସେହି ପ୍ରଭୁ କିଏ ଓ କ'ଣ ତାଙ୍କର ସ୍ୱରୂପ ? ସେ ହେଉଛନ୍ତି ସ୍ୱୟଂ ପୁରୁଷୋତ୍ତମ ଓ ପ୍ରଭୁଙ୍କର ସେହି ସ୍ୱରୂପ, ଯହିଁରେ ପରମେଶ୍ୱରଙ୍କ ସମଗ୍ର ସତ୍ୟ, ସମଗ୍ର ଚେତନା, ଶକ୍ତି ଓ ସମଗ୍ର ବିଭାବ ପୂର୍ଣ୍ଣ ଭାବରେ ନିହିତ ହୋଇ ରହିଥାଏ କିନ୍ତୁ ପୃଥିବୀ ଚେତନା ବିବର୍ତ୍ତନର ଯେଉଁସ୍ତରରେ ପହଞ୍ଚିଥାଏ, ସେହି ସ୍ତରର ସତ୍ୟ ଅନୁଯାୟୀ ପୃଥିବୀରେ ତାହାର ପ୍ରକାଶ ଓ ଅଭିବ୍ୟକ୍ତି ହୋଇଥାଏ। ଅବତାର ରୂପରେ ପୁରୁଷୋତ୍ତମଙ୍କ ଚେତନା ଯେତେବେଳେ ପୃଥିବୀର ବିବର୍ତ୍ତନକୁ ଏକ ନିଷ୍ପତ୍ତିମୂଳକ ନୂତନ ପଦକ୍ଷେପ ଦିଗରେ ଆଗେଇ ନେବା ପାଇଁ ତହିଁରେ ହସ୍ତକ୍ଷେପ କରେ ଓ ଏକ ମନୁଷ୍ୟ ଶରୀର ନେଇ ଏହି ପୃଥିବୀରେ ଜନ୍ମଗ୍ରହଣ କରେ, ସେତେବେଳେ ତାହା ସେହି ବିବର୍ତ୍ତନର ନିୟମ ଓ ସୀମା ଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ମାନି ନିଏ ନାହିଁ ବା ସମ୍ପୂର୍ଣ୍ଣ ରୂପେ ଲଙ୍ଘନ କରେ ନାହିଁ। ମାନିନେବା ଓ ଲଙ୍ଘନ ବା ଅତିକ୍ରମ କରିବା ଭିତରେ ଏକ ଭାରସାମ୍ୟ ରକ୍ଷା କରି ତାହା ସେହି ବିବର୍ତ୍ତନ ଭିତରକୁ ଏପରି ଏକ ନୂତନ ସତ୍ୟକୁ ଉତାରି ଆଣି, ପ୍ରବେଶ କରାଇବା ପାଇଁ ଯତ୍ନ କରୁଥାଏ ଯାହାକି ସମଗ୍ର ବିବର୍ତ୍ତନକୁ ଚେତନାର ଆଉ ଏକ ନୂତନ ଉଚ୍ଚତର ସ୍ତରକୁ ଉଠାଇ ନେବ। ଏକ ମାନୁଷୀ ଶରୀର ନେଇ ଅବତାରମାନେ ଏହି ପୃଥିବୀରେ ଜନ୍ମଗ୍ରହଣ କଲେ ମଧ ଓ ମନୁଷ୍ୟ ପରି ଆଚରଣ କଲେ ମଧ, ସେମାନେ ସେମାନଙ୍କ ଅନନ୍ତ ଦିବ୍ୟ ଚେତନା ସହ ସବୁ ସମୟରେ ମିଳିତ ଓ ଯୁକ୍ତ ହୋଇ ରହିଥାଆନ୍ତି ଓ ସେମାନଙ୍କ ଶରୀର ସବୁ ସମୟରେ ନିଜ ଶାଶ୍ୱତ ଭଗବତ୍ ସ୍ୱରୂପର ପ୍ରତିନିଧି ହୋଇ ରହିଥାଏ। ଗୀତାରେ ଶ୍ରୀକୃଷ୍ଣ କହିବା ଭଳି ସେମାନଙ୍କ ଅନ୍ତର୍ଚେତନାରେ ଏହି ଜ୍ଞାନ ଓ ଉପଲବ୍ଧି ବରାବର ରହିଥାଏ ଯେ "ଏହି ସମଗ୍ର ଜଗତକୁ ମୁଁ ମୋର ଗୋଟିଏ ମାତ୍ର ଅଂଶରେ ଧାରଣ କରି ରହିଛି," - 'ଏକାଂଶେନ ସ୍ଥିତୋ ଜଗତ'; "ଯଦିଓ ଏକ ମାନୁଷୀ ଶରୀର ଗ୍ରହଣ କରିଥିବାରୁ ମୂଢ଼ଲୋକମାନେ ମୋତେ ଜାଣି ପାରନ୍ତି ନାହିଁ" - "ଅବଜାନନ୍ତି ମାଂ ମୂଢ଼ା ମାନୁଷୀଂ ତନୁମାଶ୍ରିତମ୍"।

ସମସ୍ତ ଯୋଗ, ତାହା କର୍ମଯୋଗ ହେଉ ବା ଜ୍ଞାନଯୋଗ ହେଉ ବା ଭକ୍ତିଯୋଗ ହେଉ, ଭଗବାନଙ୍କର ଏକ ସ୍ୱରୂପକୁ ହିଁ ତାହା ନିଜର ଇଷ୍ଟ ଓ ଲକ୍ଷ୍ୟ ରୂପେ ଗ୍ରହଣ କରିଥାଏ। ତେଣୁ ଭଗବାନଙ୍କର ପୂର୍ଣ୍ଣତମ ସ୍ୱରୂପହିଁ ପୂର୍ଣ୍ଣଯୋଗର ଇଷ୍ଟ ଓ ଲକ୍ଷ୍ୟ। ସେହି ପୂର୍ଣ୍ଣତା ହେଉଛି ଏକ ଅନନ୍ତ ଓ ଅଖଣ୍ଡ ପୂର୍ଣ୍ଣତା, ଭଗବାନଙ୍କର କୌଣସି ଗୋଟିଏ ସ୍ୱରୂପ ବା ବିଭାବରେ ଆବଦ୍ଧ ନୁହନ୍ତି। ଭଗବାନଙ୍କର ସେହି ପୂର୍ଣ୍ଣତମ ସ୍ୱରୂପରେ ସେ ସେହି ଏକ ସଙ୍ଗରେ ସଗୁଣ ଓ ନିର୍ଗୁଣ, ଗତିଶୀଳ ଓ ସ୍ଥିର, ବ୍ୟକ୍ତିକ ଓ ନୈର୍ବ୍ୟକ୍ତିକ, କାଳ ଓ କାଳାତୀତ, ରୂପ, ଅରୂପ ଓ ସର୍ବରୂପ। ତାହାଙ୍କର ସେହି ଦିବ୍ୟ ସ୍ୱରୂପ ଭିତରେ ସମଗ୍ର ବିଶ୍ୱ ପୂର୍ଣ୍ଣ ଭାବରେ ବିଦ୍ୟମାନ ହୋଇ ରହିଛି ଓ ସେ ମଧ ସମଗ୍ର ବିଶ୍ୱ ଭିତରେ ପୂର୍ଣ୍ଣ ଭାବରେ ବ୍ୟାପ୍ତ ଓ ବିରାଜିତ ହୋଇ ରହିଛନ୍ତି ଓ ତହିଁ ସଙ୍ଗେ ସଙ୍ଗେ ମଧ ସେ ସବୁ କିଛିକୁ ଅତିକ୍ରମ କରି ବିଶ୍ୱାତୀତ ହୋଇ ରହିଛନ୍ତି। ସବୁକିଛିର ଆରମ୍ଭ ଓ ପରିଣତି, ସମସ୍ତ ସାଧନା ଓ ସିଦ୍ଧି ତାଙ୍କରି ଭିତରେ ନିତ୍ୟ ବିଦ୍ୟମାନ ଓ ତାଙ୍କରି ଭିତରେହିଁ ସେସବୁକୁ ଖୋଜିବାକୁ ହେବ। ଆମେ ଯେଉଁ ସମସ୍ତ କର୍ମ, ଜ୍ଞାନ, ଶକ୍ତି, ଶାନ୍ତି, ପ୍ରେମ ଓ ଆନନ୍ଦର ଉପଲବ୍ଧି ଖୋଜିଥାଉ ତାହା ପୂର୍ଣ୍ଣରୂପରେ ତାଙ୍କରି ଭିତରେ ହିଁ ରହିଛି, ସେ ହିଁ ହେଉଛନ୍ତି ସେଗୁଡ଼ିକର ମୂଳ ଉତ୍ସ ଓ ଶେଷ ଲକ୍ଷ୍ୟ।

ଶ୍ରୀଅରବିନ୍ଦଙ୍କ କଥାରେ "ଆନନ୍ଦ ଯେତେବେଳେ ତୁମ ମଧକୁ ଆସେ, ସେତେବେଳେ ଭଗବାନହିଁ ତୁମ ମଧକୁ ଆସିଥାଆନ୍ତି, ଯେତେବେଳେ ଶାନ୍ତି ତୁମ ମଧକୁ ପ୍ରଭାବିତ ହୁଏ ସେତେବେଳେ ଭଗବାନହିଁ ତୁମକୁ ଅଧିକାର କରୁଥାଆନ୍ତି,

କିମ୍ବା ଯେତେବେଳେ ତୁମେ ଆଲୋକରେ ପ୍ଲାବିତ ହେଉଥାଅ ଓ ତାହା ତୁମକୁ ଘେରି ରହିଥାଏ, ତାହା ଭଗବାନଙ୍କରହିଁ ଏକ ପ୍ଲାବନ। ଅବଶ୍ୟ ଭଗବାନ ଏ ସବୁରୁ ଢେର ଅଧିକ, ସେ ଏସବୁ ସହିତ ଆହୁରି ଅନେକ କିଛି; ସେସବୁର ମଧ୍ୟରେ ସେ ଏକ ଦିବ୍ୟ ଉପସ୍ଥିତି, ଏକ ଭଗବତ୍ ସତ୍ତା, ଏକ ଭାଗବତ୍ ପୁରୁଷ। ଭଗବାନହିଁ ହେଉଛନ୍ତି କୃଷ୍ଣ, ଶିବ, ପରାପ୍ରରା ଜନନୀ। ଆନନ୍ଦ ମଧ୍ୟରେ ତୁମେ ଦେଖିପାରିବ ଆନନ୍ଦମୟ କୃଷ୍ଣଙ୍କୁ; ଶାନ୍ତି ମଧ୍ୟରେ ଦେଖିପାରିବ ଶାନ୍ତିମୟ ଶିବଙ୍କୁ; ଜ୍ୟୋତି ମଧ୍ୟରେ, ମୁକ୍ତିଦାୟିନୀ ଜ୍ଞାନ ମଧ୍ୟରେ, ପ୍ରେମ ମଧ୍ୟରେ ଓ ପୂର୍ଣ୍ଣତା ପ୍ରଦାୟିନୀ ଉତ୍ତୋଳିତା ଶକ୍ତି ମଧ୍ୟରେ ତୁମେ ପ୍ରତ୍ୟକ୍ଷ କରିପାରିବ ଭଗବତୀ ଜନନୀଙ୍କର ଦିବ୍ୟ ଉପସ୍ଥିତି" ।

ଏଠାରେ ପରମଙ୍କର ଯେଉଁ ସ୍ୱରୂପସବୁ କଥା କୁହାଯାଇଛି ଓ ଅନ୍ୟାନ୍ୟ ଦର୍ଶନ, ଧର୍ମମତ ବା ଆଧ୍ୟାତ୍ମିକ ମାର୍ଗରେ ପରମଙ୍କ ସ୍ୱରୂପର ଯେଉଁ ସବୁ ବର୍ଣ୍ଣନା ଦିଆଯାଇଛି, ପୂର୍ଣ୍ଣଯୋଗରେ ଆମେ ଭଗବାନଙ୍କର ଯେଉଁ ସ୍ୱରୂପର ଆରାଧନା କରୁ, ନିଜ ଉପଲବ୍ଧି ଭିତରେ ଯାହାଙ୍କୁ ଆମେ ପ୍ରତ୍ୟକ୍ଷ କରିବା ପାଇଁ ଅଭୀପ୍ସା କରୁ ତହିଁରେ ଏ ସମସ୍ତ ଭଗବତ୍ ସ୍ୱରୂପକୁ ଗ୍ରହଣ କରିନିଆଯାଇଛି। ତେଣୁ ପୂର୍ଣ୍ଣଯୋଗରେ ପରମଙ୍କର ଏହି ପୂର୍ଣ୍ଣ ସ୍ୱରୂପକୁ ଉପଲବ୍ଧି କରିବାକୁ ହେଲେ ଆମକୁ ସମସ୍ତ ପ୍ରକାର ସୀମାବଦ୍ଧତା ଓ ସଂକୀର୍ଣ୍ଣତାରୁ ମୁକ୍ତ ରହିବାକୁ ହେବ। ଶ୍ରୀଅରବିନ୍ଦଙ୍କ କଥାରେ, "ଯଦି ଆମେ ପୂର୍ଣ୍ଣ ଯୋଗରେ ସାଧନା ପାଇଁ ପ୍ରୟାସ କରୁ, ତେବେ ଭଗବାନଙ୍କ ସମ୍ବନ୍ଧରେ ଏପରି ଏକ ଧାରଣା ନେଇ ତାହା ଆରମ୍ଭ ହେବା ଉଚିତ ଯାହା ସ୍ୱୟଂ ପୂର୍ଣ୍ଣାଙ୍ଗ। ହୃଦୟରେ ବିସ୍ତାରିତ, ବିପୁଳ ଅଭୀପ୍ସା ନେଇ ଆମେ ଯେଉଁ ଉପଲବ୍ଧିଟି ଚାହିଁବୁ, ତାହା ଯେପରି କୌଣସି ସଂକୀର୍ଣ୍ଣ ସୀମାଦ୍ୱାରା ଆବଦ୍ଧ ନ ହୁଏ। ....... ଭଗବାନଙ୍କ ସମ୍ପର୍କରେ ଯେଉଁ ଗତିଶୀଳ ଧାରଣା ବା ପ୍ରେରକ ଭାବ ନେଇ ଆମ ଯୋଗ ସବୁଠୁ ପ୍ରକୃଷ୍ଟ ଭାବରେ ଅରମ୍ଭ ହୋଇପାରେ ତାହା ହେଉଛି ସ୍ୱଭାବତଃ ସବୁକିଛିକୁ ଆଲିଙ୍ଗନ କରୁଥିବା ଅଥଚ ସବୁକିଛି ଅତିକ୍ରମ କରୁଥିବା ଦିବ୍ୟ ଅନନ୍ତଙ୍କର ଏକ ଧାରଣା ବା ବୋଧ। ଆମର ଊର୍ଦ୍ଧ୍ୱଦୃଷ୍ଟି ନିବଦ୍ଧ ହେବା ଉଚିତ ଚିରମୁକ୍ତ, ସର୍ବସମର୍ଥ, ପୂର୍ଣ୍ଣ ଓ ଆନନ୍ଦମୟ ସେହି ପରମ ଏକ ଓ ଏକତ୍ୱର ଉପରେ ଯାହା ମଧ୍ୟରେ ସତ୍ତା ସକଳ, ବିଚରଣ କରନ୍ତି ଓ ଜୀବନ ଧାରଣ କରନ୍ତି ଏବଂ ଯାହାଙ୍କ ମଧ୍ୟଦେଇ ସମସ୍ତେ ପରସ୍ପରକୁ ଭେଟନ୍ତି ଓ ମିଳିତ ହୋଇ ଏକ ହୋଇ ଯାଆନ୍ତି। ..... ସେ ହେଉଛନ୍ତି ଏକକ ପରମ ଅସ୍ତିତ୍ୱ, ସେ ହେଉଛନ୍ତି ସେହି ସର୍ବମୂଳ ବିଶ୍ୱମୟ ଆନନ୍ଦ ଯାହା ସକଳ ବସ୍ତୁରେ ବିରାଜିତ ହୋଇ ରହିବା ସଙ୍ଗେ ସଙ୍ଗେ ସେଗୁଡିକୁ ମଧ୍ୟ ଅତିକ୍ରମ କରିରହିଛି, ସେ ହେଉଛନ୍ତି ସେହି ଏକକ ଅନନ୍ତ ଚେତନା ଯାହା ସମସ୍ତ ଚେତନାକୁ ରୂପ ଦେଇଥାଏ ଏବଂ ସେଗୁଡ଼ିକର ସମସ୍ତ ଗତିବୃତ୍ତିକୁ ଅନୁପ୍ରାଣିତ କରିଥାଏ, ସେ ହେଉଛନ୍ତି ସେହି ଏକକ ଅସୀମ ଦିବ୍ୟସତ୍ତା ଯେ ସମସ୍ତ କର୍ମ ଓ ଅନୁଭୁତିକୁ ଧାରଣ କରି ରହିଛନ୍ତି। ତାଙ୍କରି ସଙ୍କଳ୍ପହିଁ ବସ୍ତୁ ସକଳର ବିବର୍ତ୍ତନକୁ ଏପର୍ଯ୍ୟନ୍ତ ଅନୁପଲବ୍ଧ ଅଥଚ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ ହୋଇରହିଥିବା ସେମାନଙ୍କ ଲକ୍ଷ୍ୟ ଓ ପରିପୂର୍ଣ୍ଣତା ଦିଗରେ ବାଟ କଢ଼ାଇ ନିଏ। ଆମର ହୃଦୟ ତାଙ୍କ ପାଖରେ ନିଜକୁ ପୂର୍ଣ୍ଣଭାବରେ ଉତ୍ସର୍ଗ କରିଦେଇ ପାରିବ, ତାଙ୍କୁ ପରମ ପ୍ରେମାସ୍ପଦ ବୋଲି ଜାଣି ତାଙ୍କର ସାନ୍ନିଧ ଲାଭ କରିପାରିବ, ଦିବ୍ୟପ୍ରେମର ଏକ ବିଶ୍ୱମୟ ମାଧୁର୍ଯ୍ୟ ଓ ଦିବ୍ୟ ଆନନ୍ଦର ଏକ ଜୀବନ୍ତ ସମୁଦ୍ର ମଧ୍ୟରେ ତାଙ୍କରି ଭିତରେ ସ୍ପନ୍ଦିତ ଓ ସଚଳ ହୋଇ ରହିପାରିବ।"

ପୂର୍ଣ୍ଣଯୋଗ ଓ ତାହାର ଲକ୍ଷ୍ୟ ପରମଙ୍କ ପୂର୍ଣ୍ଣ ସ୍ୱରୂପ ସମ୍ପର୍କରେ ଆମେ କିଛି ବି ଜାଣି ନଥାଆନ୍ତୁ ଯଦି ସ୍ୱୟଂ ପରମ ଏକ ମାନୁଷୀ ଦେହ ନେଇ ଏହି ପୃଥିବୀରେ ଜନ୍ମ ଗ୍ରହଣ କରି ଆମ ମାନୁଷୀ ଚେତନା ଆଗରେ ସେହି ଗୋପନ ରହସ୍ୟ ସବୁକୁ ଖୋଲି ଦେଇ ନଥାନ୍ତେ। ସେହି ପରମ ସତ୍ୟର କେବଳ ରହସ୍ୟୋନ୍ମଚନ ନୁହେଁ, ପୃଥିବୀରେ ତାହାକୁ ବାସ୍ତବ ରୂପ ଦେଇ କ୍ରୀୟାଶୀଳ କରାଇବା ପାଇଁ ପରମା ଶକ୍ତି ଭାଗବତୀ ଜନନୀ ଶ୍ରୀମା'ଙ୍କ ସହ ମିଳିତ ହୋଇ ଯେଉଁ ପରମ ଦିବ୍ୟ ଚେତନା ଅତିମାନସ ଦିବ୍ୟ ଶକ୍ତିର ଅବତରଣ ଯଜ୍ଞରେ ନିଜର ଦେହକୁ ଆହୁତି ଦେଇଥିଲା, ସେହି ପବିତ୍ର ଦେହାବଶେଷ ପ୍ରତି ସର୍ବତୋଭାବେ କୃତଜ୍ଞ ରହି ପାରିଲେ ହିଁ ଆମେ ସେହି ପରମ ଅନନ୍ତଙ୍କ ପ୍ରତି ନିଜକୁ ଖୋଲି ଦେଇ ପାରିବା।

❑❑❑

*ମଧୁ ଭାଇନାଙ୍କ ବିଚାର...*

# ମା'ହିଁ ଜୀବନର୍ ସର୍ବସ୍ୱ ହୋଇ୍ ଉଠନ୍ତୁ

ଓଡ଼ିଶା – ସାରା ଓଡ଼ିଶାରେ ଆଗେଇ ଚାଲିଛି ମା'ଙ୍କ କାମ। ଏକଥା ନ ଦେଖିଲା ଲୋକେ ବିଶ୍ୱାସ କରି ପାରିବେ ନାହିଁ। ଦେଖିବା ଲୋକେ ମଧ୍ୟ ବିଶ୍ୱାସ କରି ପାରିବେ ନାହିଁ। କାରଣ ଆମେ ଯାହା ଯେତିକି ମାତ୍ର ବାହାରକୁ ଏହି ସ୍ଥୂଳ ଆଖିରେ ଦେଖିଥାଇଁ ତାହା ଭବିଷ୍ୟତରେ ଯାହା ଦେଖାଯିବ ତାହା ତୁଳନାରେ କିଛି, କିଛି – କିଛି ବି ନୁହେଁ। କାରଣ ଏହାର ଉଭା ଯେତେ – ପୋତା ତା'ଠାରୁ ସହସ୍ର ଗୁଣରେ ଅଧିକ। ତଥାପି ଯାହା କାର୍ଯ୍ୟ ହେଉଛି ତାହାକୁ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ମା'ଙ୍କ ପାଖରେ କୃତଜ୍ଞତାରେ ମଥା ନଇଁ ପଡ଼େ। ଆଖିରୁ ଆନନ୍ଦର ଝରଣା ବୋହି ଆସି ଚୈତ୍ୟପୁରୁଷଙ୍କର ପଦଧୌତ କରେ।

ସତରେ କହିଲେ ଯେଉଁଠାରେ ମା'ଙ୍କ କାର୍ଯ୍ୟ ହେଉଛି ସେ ମାଟିର ତପସ୍ୟା ରହିଛି। ଯେଉଁମାନେ ମା'ଙ୍କ କାର୍ଯ୍ୟରେ ଅଂଶ ଗ୍ରହଣ କରୁଛନ୍ତି ତାଙ୍କର ପୂର୍ବ ଜନ୍ମର ତପସ୍ୟା ଏବଂ ସେମାନଙ୍କର ପିତାମାତାଙ୍କର ତପସ୍ୟା ରହିଛି। ସେମାନେ କେବଳ ଏହି ଜନ୍ମରେ ନୁହେଁ, ଜନ୍ମ ଜନ୍ମ ଧରି ଭଗବାନଙ୍କର କାର୍ଯ୍ୟ କରି ଆସୁଛନ୍ତି ଏବଂ କରୁଥିବେ, ଏକଥା ମୁଁ କହୁନି, ବାବାଜୀ ମହାରାଜ ସଦାବେଳେ କହନ୍ତି। ଓଡ଼ିଶାରେ ମା'ଙ୍କର କାର୍ଯ୍ୟ ସହିତ ବାବାଜୀ ମହାରାଜଙ୍କର ଆସ୍ପୃହା, ଶୁଭଚିନ୍ତା ଓ ପ୍ରପତ୍ତିଙ୍କର ଜୀବନ ବ୍ୟାପୀ ଶ୍ରମର ସୁଫଳ ଜଡ଼ିତ ହୋଇ ରହିଛି ଏବଂ ରହିଥିବ ଏକଥା ଓଡ଼ିଶାବାସୀ କେବେ ହେଲେ ଭୁଲି ପାରିବେ ନାହିଁ। ଶ୍ରୀଅରବିନ୍ଦ କହନ୍ତି, "He who loves the Mother is doing my Yoga." (ଯେ ମା'ଙ୍କୁ ଭଲପାଏ ସେ ମୋର ଯୋଗ କରୁଛି)। ଓଡ଼ିଶାବାସୀ କ'ଣ ଜାଣନ୍ତୁ ବା ନ ଜାଣନ୍ତୁ ସେମାନେ ଦିବ୍ୟଜନନୀ ମା'ଙ୍କୁ ଭଲ ପାଇ ଜାଣନ୍ତି। ଆସନ୍ତୁ ! ଆମେ ସମସ୍ତେ ଆହୁରି ଅଧିକରୁ ଅଧିକ ମା'ଙ୍କର ହୋଇ ଉଠିବା। ଭିତରେ ଏବଂ ବାହାରେ ଗୋଟା ପଣେ ମା'ଙ୍କର ହୋଇ ଉଠିବା – ମା'ହିଁ ଆମ ଜୀବନର ସର୍ବସ୍ୱ ହୋଇ ଉଠନ୍ତୁ।

❒❒❒

Sri Aurobindo's Relics are now going to different parts of the country and the world. With the Relics of Sri Aurobindo there goes with it Sri Aurobindo's Power and Consciousness. As the sacred parts of Mahashakti's body are scattered in 52 places in our country creating the holy places - Pithasthan, likewise the places where Sri Aurobindo's Relics are going are also becoming holy places - *The Divine Pithasthan.*

**– Pranab Kumar Bhattacharya**

*ଶ୍ରୀ ନିରଞ୍ଜନ ନାୟକଙ୍କ କଲମରୁ...*

# ଚିରନ୍ତନ ଅଭିଯାନର ଶାଶ୍ୱତ ଅଗ୍ରଦୂତ

ଯୁବକଟିଏ । ବେକାର ଓ ଦରିଦ୍ର । ଏହି କର୍ମହୀନତା ଓ ଦାରିଦ୍ର୍ୟ ଲାଗି ସେ ଭଗବାନଙ୍କୁ ଦୋଷ ଦିଏ । ସବୁଦିନେ ନିୟମିତ ରୂପେ ସେ ଭଗବାନଙ୍କୁ କହେ, "ହେ ଭଗବାନ୍ ! ତୁମେ ନିଜକୁ ସୃଷ୍ଟିକର୍ତ୍ତା ବୋଲି କୁହ, ନା ? କିନ୍ତୁ କ'ଣ କରିଛ ଏ ସୃଷ୍ଟିକୁ ? କି ଦୁଃଖ, କଷ୍ଟ, ଯନ୍ତ୍ରଣା, ଅଭାବ, ଅନାଟନ, ରୋଗ, ବ୍ୟାଧି, ଅନ୍ୟାୟ, ଅତ୍ୟାଚାର, ବିଭୀଷିକା, ସଂଘର୍ଷର ଭୂମିରେ ଏହାକୁ ପରିଣତ କରିଛ ! ଯଦି ଭୋକ, ଉପାସରେ ମରିବାକୁ ଥିଲା, ରୋଗ, ଜରା ଭୋଗି ମରିବାକୁ ଥିଲା – ତେବେ ଏ ସୃଷ୍ଟି କାହିଁକି ରଚନା କଲ ? କି ସୁଖ, କି ଆନନ୍ଦ ପାଇଁ ଏ ସୃଷ୍ଟି କଲ ? କିଛି ନ ଥିଲା ତ ଭଲ ଥିଲା ।"

ଭଗବାନ୍ ଯୁବକଟିର ଏହି ଅଭିଯୋଗଭରା ପ୍ରଶ୍ନର କିଛି ଉତ୍ତର ଦିଅନ୍ତି ନାହିଁ । ନୀରବ ରହନ୍ତି । ଯୁବକଟି କିନ୍ତୁ ପ୍ରଶ୍ନ କରିଚାଲେ । ଦିନେ ବି ଛାଡ଼େ ନାହିଁ । ପ୍ରଶ୍ନ କରି କରି ଯୁବକଟି ଅଧୈର୍ଯ୍ୟ ହୋଇ ପଡ଼ିଲା । ଦିନେ ଅତି କ୍ରୋଧ ଓ ବିରକ୍ତିର ସହ କହିଲା, "ଭଗବାନ୍, ତୁମେ କ'ଣ କାଲ ? ତୁମକୁ କ'ଣ କିଛି ଶୁଭେ ନାହିଁ ? କାନ ଫୁଟି ଯାଇଛି ନା କ'ଣ ? ମୋର ଏତେ ଅଭିଯୋଗର କିଛି ଉତ୍ତର ଦେଉନା ! ଯଦି ଏ ଜଗତ ଏମିତି ଭୁଲ୍ ମାର୍ଗରେ ସୃଷ୍ଟି କଲ, ତାକୁ କ'ଣ ସଜାଡ଼ି ପାରିବ ନାହିଁ ? ଏହାକୁ ଏକ ସୁଖଶାନ୍ତିମୟ ସ୍ଥାନରେ ପରିଣତ କରିପାରିବ ନାହିଁ ?"

ଯୁବକଟିର ବିକଳତାରେ ଭଗବାନଙ୍କ ଆସନ ଏଥର ଟଳିଲା । ସେ ସ୍ମିତହସି ଯୁବକକୁ କହିଲେ, "ଯୁବକ, ତୁମେ ସୃଷ୍ଟି ସମ୍ପର୍କରେ ଯାହା କହୁଛ, ତା' ମୁଁ ମାନୁଛି । ତୁମେ ଯେଉଁ ସକାଶେ ଅଭିଯୋଗ କରୁଛ, ସେଇ ସକାଶେ ତ ତୁମକୁ ସୃଷ୍ଟି କରିଛି । ତୁମଠାରେ ସେହି ଶକ୍ତି-ସାମର୍ଥ୍ୟ ଦେଇଛି । ତୁମେ ଅଭିଯୋଗ ନ କରି ଏସବୁ ବିକୃତି ବିରୋଧରେ ଅଭିଯାନ କରିପାର । ଏସବୁକୁ ବଦଳାଇ ଦେଇପାର । ତେଣୁ ଆଜିଠାରୁ ଅଭିଯୋଗ ନ କରି ଅଭିଯାନ କର । ସବୁକିଛି ବଦଳିଯିବ ।''

ଶ୍ରୀମାଶ୍ରୀଅରବିନ୍ଦ ମଧ୍ୟ ସେହି ଏକହିଁ କଥା କହିଛନ୍ତି ଯେ ଏହି ପୃଥିବୀ କାହିଁକି ଏପରି ହୋଇଛି – ସେ ସମ୍ବନ୍ଧେ ଅଭିଯୋଗ ନ କରି ତାହାକୁ ବାଞ୍ଛିତ ରୂପରେ ବଦଳାଇ ଦେବାକୁ । କିନ୍ତୁ ପୃଥିବୀକୁ ବାଞ୍ଛିତ ରୂପରେ ବଦଳାଇବାକୁ ହେଲେ ନିଜକୁହିଁ ସେହି ରୂପରେ ପ୍ରଥମେ ବଦଳାଇବାକୁ ପଡ଼ିବ । ସବୁ ପରିବର୍ତ୍ତନର ଚାବିକାଠି, ସବୁ ସମାଧାନର ଚାବିକାଠି ନିଜ ମଧ୍ୟରେ ରହିଛି ।

ଶ୍ରୀମା ଶ୍ରୀଅରବିନ୍ଦ କେବଳ ଏହା କହି ନାହାନ୍ତି । ସେସବୁ ନିଜ ଜୀବନରେ ସମ୍ପାଦନ କରି ଆମ ଆଗରେ ଦୃଷ୍ଟାନ୍ତ ହୋଇ ଯାଇଛନ୍ତି । ଆମେ ଖାଲି ଜୀବନକୁ ଓ ଜଗତକୁ ନେଇ ଅଭିଯୋଗ କରୁଛୁ; କିନ୍ତୁ ସେ ଅଭିଯାନ କରିଛନ୍ତି ଓ ସଫଳ ହୋଇଛନ୍ତି । ସେଇଥି ପାଇଁ ସାବିତ୍ରୀ Book-1, Canto-3 ରେ ଅଶ୍ୱପତିରୂପୀ ଶ୍ରୀଅରବିନ୍ଦଙ୍କୁ କୁହାଯାଇଛି : "One in the front of the immemorial quest, Protagonist of the mysterious play ..." (Savitri) ଅବିସ୍ମରଣୀୟ କାଳରୁ ଅସୀମଙ୍କୁ, ଅନନ୍ତଙ୍କୁ ସୀମା ଭିତରେ ସାନ୍ତ ଭିତରେ ଜାଣିବା ଲାଗି ତଥା ପ୍ରକାଶ କରିବା ଲାଗି ଯେଉଁ ଅନ୍ୱେଷଣ ଚାଲିଛି ସେ ଅନ୍ୱେଷଣରେ, ସେହି ସାଧନାରେ ଶ୍ରୀଅରବିନ୍ଦହିଁ ସବୁବେଳେ ସମ୍ମୁଖ ଭାଗରେ ରହିଛନ୍ତି । ଏହି ରହସ୍ୟମୟ ନାଟକରେ, ଯେଉଁଥିରେ ପରମ ଅରୂପ ନିଜକୁ ରୂପ ମଧ୍ୟରେ ହଜେଇ ଦେଇ ପୁଣି ତା'ରି ମଧ୍ୟରେ ନିଜକୁ ନିଜେ ଖୋଜି ଚାଲିଛନ୍ତି, ସେଥିରେ ଶ୍ରୀଅରବିନ୍ଦ ହେଉଛନ୍ତି ପ୍ରଧାନ ଅଭିନେତା ।

ଆହୁରି ମଧ୍ୟ କୁହାଯାଇଛି, ସେ ହେଉଛନ୍ତି :

A thinker and toiler in the ideal's air,
Brought down to earth's dumb need her radiant power.
His was a spirit that stooped from larger spheres
Into our province of ephemeral sight,

A colonist from immortality.
A pointing beam on earth's uncertain roads,
His birth held up a symbol and a sign;
His human self like a translucent cloak
Covered the All-Wise who leads the unseeing world.
Affiliated to cosmic Space and Time
And paying here God's debt to earth and man
A greater sonship was his divine right."

ଏକ ଆଦର୍ଶ ସାଧନାର କ୍ଷେତ୍ରରେ ସେହି ଅଶ୍ୱପତିରୂପୀ ଶ୍ରୀଅରବିନ୍ଦ ହେଉଛନ୍ତି ଏକ ଭାବୁକ। ଖାଲି ଭାବୁକ ନୁହନ୍ତି, ସାଧକ ମଧ୍ୟ। ପୃଥିବୀର ମୂଳ ଆବଶ୍ୟକତା ମଧ୍ୟକୁ ସେ ସାବିତ୍ରୀଙ୍କର ଅର୍ଥାତ୍ ଦିବ୍ୟକୃପାର ଜ୍ୟୋତିର୍ମୟ ଶକ୍ତିକୁ ଉତାରି ଆଣିଛନ୍ତି। ତାଙ୍କର ଆତ୍ମା ଏହି ପୃଥିବୀର ନୁହଁ। ତାହା ଏକ ବୃହତ୍ତର ଲୋକର। ତାହା ସେହି ବୃହତ୍ତର ଲୋକରୁ ଏହି କ୍ଷଣିକ ଦୃଷ୍ଟିଯୁକ୍ତ ପୃଥିବୀପୃଷ୍ଠକୁ ନଇଁ ଆସିଛି। ସେହି ଅମର ଲୋକର ସତ୍ତା ଏହି ମର ଭୂଇଁକୁ ନଇଁ ଆସିଛନ୍ତି ଏକ ଔପନିବେଶିକ ରୂପରେ, ସେହି ଅମର ଲୋକର ଶାସନ ତଥା ବିଧାନ ଏହି ମରଲୋକରେ ପ୍ରଚଳନ କରିବା ନିମନ୍ତେ। ସେ ହେଉଛନ୍ତି  ପୃଥିବୀର ଏହି ଅନ୍ଧକାରମୟ ଅନିଶ୍ଚିତ ପଥ ମଧ୍ୟରେ ଏକ ପଥନିର୍ଦ୍ଦେଶକାରୀ ଆଲୋକ ରଶ୍ମି। ପୃଥିବୀପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଜନ୍ମ ଏକ ପ୍ରତୀକ (symbol) ଓ ଏକ ଚିହ୍ନ (sign)। ପ୍ରତୀକ ଏଇ ଅର୍ଥରେ ଯେ ଊର୍ଦ୍ଧ୍ୱସ୍ଥ ସତ୍ୟର ସେ ଏଠାରେ ଏକ ପ୍ରତିନିଧି। ସେ ଏକ ଚିହ୍ନ ଏଇ ଅର୍ଥରେ ଯେ ଭବିଷ୍ୟତରେ ମଣିଷ ଯେଉଁଥିରେ ପରିଣତ ହେବ, ଯାହା ହେବ ତା'ର ସେ ହେଉଛିନ୍ତି ଏକ ନମୁନା। ତାଙ୍କର ମାନବିକ ସତ୍ତା ହେଉଛି ଏକ ଆବରଣ ସଦୃଶ ଯାହା ଭିତରର ଆଲୋକକୁ ପ୍ରକାଶ କରିପାରେ ଓ ଯେଉଁ ଆବରଣ ଏହି ଦୃଷ୍ଟିଶକ୍ତିହୀନ ଜଗତକୁ ପଥପ୍ରଦର୍ଶନ କରୁଥିବା ଅନ୍ତରସ୍ଥ ସର୍ବଜ୍ଞାନମୟ ଅନ୍ତର୍ଯାମୀଙ୍କୁ ଆବୃତ କରି ରଖିଛି। ଏଠାରେ ଶ୍ରୀଅରବିନ୍ଦ ବିଶ୍ୱଗତ ଦେଶ ଓ କାଳ ସହ ନିଜକୁ ସଂଯୁକ୍ତ କରି ପୃଥିବୀ ଓ ମଣିଷ ନିକଟରେ ପିତା ଭଗବାନଙ୍କ ଋଣକୁ ପୁତ୍ର ଭଗବାନ୍ ରୂପେ ପରିଶୋଧ କରୁଛନ୍ତି। ଭଗବାନ୍ ମଣିଷ ଓ ପୃଥିବୀ ନିକଟରେ ଋଣୀ। କାରଣ ମଣିଷର ଆତ୍ମା ଯେତେବେଳେ ଏହି ଅନ୍ଧକାରମୟ ଦୁଃଖ, ଯନ୍ତ୍ରଣା, ମୃତ୍ୟୁ ବିଭୀଷିକାରେ ପରିପୂର୍ଣ୍ଣ ପୃଥିବୀପୃଷ୍ଠରେ ଜନ୍ମନେବା ଆବଶ୍ୟକ ପଡ଼ିଲା ସେତେବେଳେ ଭଗବାନ୍ ତାକୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ସେ ବି ତା' ସହ ଏହି ପୃଥିବୀରୂପକ ଜଡ଼ ନିଶ୍ଚେତନ ଭୂମିରେ ରହିବେ ଓ ତାକୁ ପୁଣି ଭଗବାନଙ୍କ ଆଡ଼କୁ ଉଠାଇ ନେବେ ଓ ପୃଥିବୀକୁ ଭଗବନ୍ମୟ କରି ତୋଳିବେ। ଭଗବାନ୍ ମଣିଷର ଆତ୍ମା ଓ ପୃଥିବୀକୁ ଏହି ପ୍ରତିଶ୍ରୁତି ଦେଇ ଥିବାରୁ ସେ ସେମାନଙ୍କ ନିକଟରେ ଋଣୀ।  ଶ୍ରୀଅରବିନ୍ଦ ଭଗବାନଙ୍କର ଉପଯୁକ୍ତ ସନ୍ତାନ ହିସାବରେ ତାଙ୍କର ଋଣ ଏଠାରେ ଶୁଝୁଛନ୍ତି। ଅର୍ଥାତ୍ ମଣିଷକୁ, ପୃଥିବୀକୁ ପୁଣି ଭଗବାନଙ୍କ ଆଡ଼କୁ ନେଇଯିବା ଲାଗି ଓ ପୃଥିବୀରେ ଭଗବାନଙ୍କୁ ନିରାବରଣ ରୂପେ ପ୍ରକାଶ କରିବା ଲାଗି ସାଧନା କରୁଛନ୍ତି। ସମସ୍ତେ ଭଗବାନଙ୍କ ପୁତ୍ର, କିନ୍ତୁ ଯେଉଁ ପୁତ୍ର ପିତାର ଋଣ ଶୁଝୁଛି ତା'ର ଏକ ବୃହତ୍ତର ପୁତ୍ରତ୍ୱ ନିମନ୍ତେ ଦିବ୍ୟ ଅଧିକାର ରହିଛି।

ପୁନଶ୍ଚ ସାବିତ୍ରୀର Book-II, Canto-I ରେ ସାବିତ୍ରୀ ଓ ସତ୍ୟବାନଙ୍କ ପ୍ରତିନିଧିରୂପୀ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ପୃଥିବୀପୃଷ୍ଠରେ କାର୍ଯ୍ୟ ମଧ୍ୟ ସ୍ୱଷ୍ଟ ହୋଇଯାଇଛି। ସାବିତ୍ରୀ ମୃତ୍ୟୁରେ  ପରିଣତ ହୋଇଥିବା ଦିବ୍ୟପ୍ରେମର ମୂର୍ତ୍ତିମନ୍ତ ବିଗ୍ରହକୁ କହିଛନ୍ତି :

"I know that I can lift man's soul to God,
I know that he can bring the immortal down...
To raise the world to God in deathless Light,
To bring God down to the world on earth we came,
To change the earthly life to life divine."

ତେଣୁ ମା'ଙ୍କର କାର୍ଯ୍ୟ ହେଉଛି ମଣିଷର ଆତ୍ମାକୁ ଭଗବାନଙ୍କ ଆଡ଼କୁ ଉଠାଇ ନେବା ଓ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ହେଉଛି ପରମ ଅମର ସେହି ଭଗବାନଙ୍କୁ ଏଠାକୁ ଏହି ପୃଥିବୀପୃଷ୍ଠକୁ ଉତାରି ଆଣିବା। ଦୁହିଙ୍କର ଯଦିଓ ଏକ ଓ ଅଭିନ୍ନ ଚେତନା ପୃଥିବୀପୃଷ୍ଠରେ ସେମାନଙ୍କ ଭୂମିକା ଦୃଷ୍ଟିରୁ ଦୁହିଙ୍କୁ ଦୁଇ ପ୍ରକାର କର୍ମ କରିବାକୁ ପଡୁଛି। ଦୁହିଙ୍କର କର୍ମ ପରସ୍ପରର ପରିପୂରକ। ଦୁହିଙ୍କର ସମ୍ମିଳିତ କାର୍ଯ୍ୟ ହେଉଛି ଜଗତକୁ ଅମର ଆଲୋକ ମଧ୍ୟସ୍ଥ ଭଗବାନଙ୍କ ଆଡ଼କୁ ଉଠାଇ ନେବା ଓ

ଭଗବାନଙ୍କୁ ପୃଥିବୀପୃଷ୍ଠସ୍ଥ ଏହି ଜଗତ ମଧ୍ୟକୁ ଉତାରି ଆଣିବା। ଏଇଥି ପାଇଁ ଦୁହେଁ ଏଠାରେ ଜନ୍ମ ନେଇଛନ୍ତି। ଜନ୍ମ ନେଇଛନ୍ତି ଦୁହିଙ୍କର ଦ୍ୱିବିଧ କର୍ମ ଫଳରେ ପାର୍ଥିବ ଜୀବନକୁ ଦିବ୍ୟଜୀବନରେ ରୂପାନ୍ତରିତ କରିବା ଲାଗି।

ତେଣୁ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ହେଉଛି ପୃଥିବୀର ଜଡ଼, ଅନ୍ଧକାରମୟ ନିଶ୍ଚେତନା ମଧ୍ୟକୁ ଭଗବାନଙ୍କୁ ଉତାରି ଆଣିବା। ପୃଥିବୀପୃଷ୍ଠକୁ ଦିବ୍ୟକୃପା, ଦିବ୍ୟପ୍ରେମର ପ୍ରତୀକ ସାବିତ୍ରୀରୂପିଣୀ ଦିବ୍ୟଜନନୀ ଶ୍ରୀମା'ଙ୍କୁ ସେହିଁ ନିଜ ସାଧନା ବଳରେ ଉତାରି ଆଣିଛନ୍ତି। ମା' ଏକ ପ୍ରଶ୍ନୋତ୍ତର ଛଳରେ ଥରେ କହିଥିଲେ ଯେ ଶ୍ରୀଅରବିନ୍ଦ ପରମଙ୍କଠାରୁ ନିଜକୁ ବିଚ୍ଛିନ୍ନ କରି ଏକ ଶରୀର ଧାରଣପୂର୍ବକ ଜଡ଼ ମଧ୍ୟକୁ ଲମ୍ଫ ପ୍ରଦାନ କରିଛନ୍ତି। ନିଜ ଉପରେ ନିଶ୍ଚେତନା ଓ ଅଜ୍ଞାନତାର ସମସ୍ତ ଭାର ବହନ କରିଛନ୍ତି। ସେସବୁକୁ ଦିବ୍ୟଜୀବନ ଦିଗରେ ଜାଗ୍ରତ କରିବା ପାଇଁ । ସେ ପରମଙ୍କୁ, ଦିବ୍ୟକୃପାକୁ ପୃଥିବୀପୃଷ୍ଠରେ ଜଡ଼ ନିଶ୍ଚେତନାକୁ ଦିବ୍ୟଜୀବନ ଦିଗରେ ଜାଗ୍ରତ କରିବା କାର୍ଯ୍ୟରେ ସହାୟତା ନିମନ୍ତେ ନିମ୍ନକୁ ଆବାହନ କରିଛନ୍ତି। ତାଙ୍କରି ଆବାହନ ଶୁଣି ମୁଁ ନିମ୍ନକୁ ଏକ ଭୌତିକ ଶରୀର ଧାରଣ କରି ଆସିଛି। ଏହି ଦୁଃଖ, ଯନ୍ତ୍ରଣା ଓ ମୃତ୍ୟୁର ଜଗତକୁ ଅବତରି ଆସିଛି।

ନିମ୍ନରୁ ଜଡ଼ର ତୀବ୍ର ଅଭୀପ୍ସାକୁ ସେ ଉର୍ଦ୍ଧ୍ୱକୁ ପ୍ରେରଣ କରିଛନ୍ତି। ତା'ର ପ୍ରତ୍ୟୁତ୍ତରରୂପେ ଦିବ୍ୟକୃପା ଅବତରଣ କରିଛି। ପୃଥିବୀ ପାଇଁ ଏହି ମୁହୂର୍ତ୍ତଟି ଅତ୍ୟନ୍ତ ଶୁଭ। ଏହା ଏକ ପ୍ରଚଣ୍ଡ ଅଗ୍ରଗତିର ମୁହୂର୍ତ୍ତ ଯାହା ଫଳରେ ସମଗ୍ର ବିଶ୍ୱ ତା'ର ଲକ୍ଷ୍ୟ ଦିଗରେ ପ୍ରସ୍ଫୁଟିତ ହୋଇପାରିବ। ଆମ ଦୁହିଙ୍କ ସାହାଯ୍ୟ ଯାହା ସବୁବେଳେ ରହିଛି ତା' ସହ ଯଦି ମଣିଷର ଲାଗି ରହିବାର ସଂକଳ୍ପ ଥାଏ, ତେବେ ଆଉ ଏ ବିଶ୍ୱରେ କ'ଣ ଅଛି ଯାହାକୁ ଅସମ୍ଭବ ବୋଲି କୁହାଯିବ ?

ନିଶ୍ଚେତନା ମଧ୍ୟରେ ଦିବ୍ୟ ଆଲୋକ ଓ ଚେତନାର ପ୍ରସାରଣ କେବଳ ଶ୍ରୀଅରବିନ୍ଦଙ୍କ ଯୋଗୁଁ ସମ୍ଭବ ହୋଇଛି। କାର୍ଯ୍ୟର ବେଶୀ ଅଂଶ ସେ ସମ୍ପାଦନ କରିଛନ୍ତି। ସେ ମୋତେ ନିମନ୍ତ୍ରଣ କରିଛନ୍ତି, ଦରଜା ଉନ୍ମୁକ୍ତ କରିଛନ୍ତି, ମୁଁ ନିଶ୍ଚେତନା ମଧ୍ୟରେ ପ୍ରବେଶ କରିଛି। ଶ୍ରୀଅରବିନ୍ଦ ସବୁ କାର୍ଯ୍ୟ ବ୍ୟବସ୍ଥିତ କରି ଯାଇଛନ୍ତି ଯାହା ଫଳରେ ମୋର କାର୍ଯ୍ୟ ବହୁତ ସହଜ ହୋଇଯାଇଛି। ସେ ଏହି ଜଡ଼ ନିଶ୍ଚେତନ ଶରୀରର ଚାବି ଖୋଲି ଦେଇଛନ୍ତି ଓ ତା' ମଧ୍ୟକୁ ପ୍ରବେଶ ନିମନ୍ତେ ପଥ ଆଲୋକିତ କରି ଦେଇଛନ୍ତି। ମୁଁ ଖୁବ୍ ଧୀର ଓ ସନ୍ତର୍ପଣରେ ତା' ମଧ୍ୟରେ ପ୍ରବେଶ କରି ଆଲୋକ, ଶକ୍ତି ଓ ଆନନ୍ଦ ସଞ୍ଚାରିତ କରିପାରୁଛି। ଶ୍ରୀଅରବିନ୍ଦ ହେଉଛନ୍ତି ଜଡ଼ର ଆତ୍ମା। ସମଗ୍ର ମଣିଷଜାତିର ଅଭୀପ୍ସାର ପ୍ରତୀକ। ସେ ହେଉଛନ୍ତି ଜଡ଼ ମଧ୍ୟସ୍ଥ ଦିବ୍ୟ ଆଲୋକ, ଜଡ଼ ମଧ୍ୟରେ ମୂର୍ତ୍ତ ହୋଇଥିବା ଆତ୍ମା। ମା' ତାଙ୍କର ୧୯୩୧ ନଭେମ୍ବର ୨୪ ତାରିଖ ପ୍ରାର୍ଥନାରେ କହିଛନ୍ତି କିପରି ଶ୍ରୀଅରବିନ୍ଦଙ୍କ କର୍ମର ସଂପାଦନ ନିମନ୍ତେ ସେ ଜଡ଼ର ଅନ୍ଧକାରମୟ ଅତଳ ଗହ୍ୱରରେ ବୁଡି ଗଲେ। ସେଠି କିପରି ମିଥ୍ୟା, ନିଶ୍ଚେତନାର ବିଭୀଷିକାକୁ ଅଙ୍ଗୁଳି ଦେଇ ସ୍ପର୍ଶ କଲେ। ଘନୀଭୂତ ଚରମ ଅନ୍ଧକାର ଓ ବିସ୍ମୃତିର ଆସ୍ଥାନରେ ପହଞ୍ଚିଲେ। କିନ୍ତୁ ହୃଦୟରେ ତାଙ୍କର ଭାଗବତ ସ୍ମରଣ ରହିଥିଲା। ସେଇ ହୃଦୟରୁ ତାଙ୍କର ପରମପ୍ରଭୁଙ୍କ ପ୍ରତି ଏକ ପ୍ରାର୍ଥନା ଉତ୍‌ଥିତ ହେଲା ଓ ମିଥ୍ୟା ତଥା ତା'ର ଅନୁଚରଙ୍କ କବଳରୁ ପୃଥିବୀକୁ ଉଦ୍ଧାର କରିବା ଲାଗି, ତାଙ୍କର ପ୍ରାର୍ଥନା ସେହି ନିରନ୍ଧ୍ର ଅନ୍ଧକାର ମଧ୍ୟସ୍ଥ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ନିକଟରେ ପହଞ୍ଚିଛି ଓ ସେ ତା'ର ଉତ୍ତର ଦେଇଛନ୍ତି। ମୂଳ ପ୍ରାର୍ଥନାଟି ସମସ୍ତେ ପଢ଼ି ପାରନ୍ତି। ତା'ର ଶେଷରେ ରହିଛି –

"Thus my prayer rushed up towards Thee : and, from the depths of the abyss, I beheld Thee in thy radiant splendour; Thou didst appear and Thou saidst to me : 'Lose not courage, be firm, be confident, – I COME.'"

"ଏହିରୂପେ ମୋର ପ୍ରାର୍ଥନା ପ୍ରବଳ ବେଗରେ ତୁମ ଆଡ଼କୁ ଉର୍ଦ୍ଧ୍ୱ ଦିଗରେ ଉଠିଗଲା ଏବଂ ଅନ୍ଧକାରର ସେହି ଅତଳ ଗହ୍ୱରରୁ ତୁମର ସମୁଜ୍ଜ୍ୱଳ ମହିମାରେ ତୁମକୁ ମୁଁ ଦର୍ଶନ କଲି। ତୁମେ ମୋତେ ଦର୍ଶନ ଦେଇ କହିଲ : 'ସାହସ ହରାଅ ନାହିଁ, ଦୃଢ଼ ହୁଅ, ନିର୍ଭରତା ରଖ, – ମୁଁ ଆସିଛି ।' "

ମା' କହନ୍ତି ଶ୍ରୀଅରବିନ୍ଦହିଁ ନିଶ୍ଚେତନାର ଦରଜା ଉନ୍ମୁକ୍ତ କରିଛନ୍ତି। ମୁଁ ତା' ମଧ୍ୟରେ ପ୍ରବେଶ କରିଛି ଓ ରୂପାନ୍ତରକାରୀ ଆଲୋକ, ଶକ୍ତି ତଥା ଆନନ୍ଦ ସଂଚାରିତ କରିପାରୁଛି। ଏହା ଫଳରେ ଜଡ଼ ମଧ୍ୟସ୍ଥ ଅଣୁପରମାଣୁ ଏକ ନୂତନ ଚେତନାରେ ଜାଗ୍ରତ ହେଉଛନ୍ତି। ଯେଉଁଠି ଆମେ (ଶ୍ରୀମା ଶ୍ରୀଅରବିନ୍ଦ) ପଦସ୍ଥାପନ କରିଛୁ ସେଠିକାର ଅଣୁପରମାଣୁ ଉପରେ ତା'ର ସ୍ଥାୟୀ ଛାପ ପଡ଼ିଯାଇଛି। ସେହି ଅଣୁପରମାଣୁମାନେ ଦିବ୍ୟପ୍ରେମ, ଦିବ୍ୟ ଆଲୋକରେ ସ୍ୱୟଂ ପ୍ରଦୀପ୍ତ ହୋଇ ସେମାନଙ୍କ

ଆଖପାଖର ଅଣୁ ପରମାଣୁକୁ ସେସବୁ ସଂଚାରିତ କରିବାରେ ଲାଗିଛନ୍ତି। ପୃଥିବୀର ଧୂଳିମାଟି ମା'ଶ୍ରୀଅରବିନ୍ଦଙ୍କ ପାଦର ସ୍ପର୍ଶ ପାଇ ନିଜକୁ ଧନ୍ୟ ମନେ କରିଛି, ପୁଲକିତ ହୋଇଛି, ସେଇ ପୁଲକକୁ ମଣିଷ ଭଳି କ୍ଷଣକରେ ନ ହରାଇ ସେ ଧରି ରଖିଛି। ଖାଲି ଧରିରଖି ନାହିଁ, ନିଜର ପଡ଼ୋଶୀ ଅଣୁପରମାଣୁଙ୍କ ମଧ୍ୟରେ ବ୍ୟାପ୍ତ କରିବାରେ ଲାଗିଛି। ମା' କହନ୍ତି ଏହି ପୁଲକିତ ପୃଥିବୀର ମାଟି ଅନେକ ନୂତନ ପୁଷ୍ପସମ୍ଭାର ତାଙ୍କୁ ଉପହାର ଦେଇଛି।

ଯାହାଙ୍କ ପାଦର ସ୍ପର୍ଶରେ ପୃଥିବୀର ଅଣୁପରମାଣୁ ଏତେ ପରିମାଣରେ ରୂପାନ୍ତରକାରୀ ଦିବ୍ୟଆଲୋକ, ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟଆନନ୍ଦକୁ ଗ୍ରହଣ କରି ସେଥିରେ ପୁଲକିତ ହୋଇ, ତାକୁ ସ୍ଥାୟୀଭାବେ ଧାରଣ କରି ନିଜର ପ୍ରତିବେଶୀଙ୍କ ମଧ୍ୟରେ ନିରନ୍ତର ସଞ୍ଚାରିତ କରିବାରେ ଲାଗିଛନ୍ତି ଓ ତା'ର ସ୍ଥୂଳ ଚିହ୍ନ ସ୍ୱରୂପ ନାନା ପ୍ରକାର ନୂତନ ଜାତିର ପୁଷ୍ପସମ୍ଭାର ଏହି ନୂତନ ଅବତାରଙ୍କ ଚରଣରେ ଅର୍ପଣ କରୁଛନ୍ତି ସେମାନେ ଆଜି ସେହି ଦୁହିଙ୍କ ସମଗ୍ର ଶରୀରକୁ ନିଜ ମଧ୍ୟରେ ଧାରଣ କରି କେତେ ପୁଲକିତ, ଶିହରିତ ହେଉ ନ ଥିବେ ଓ ସେଦୁହିଙ୍କ ରୂପାନ୍ତରକାରୀ ଅତିମାନସର ଆଲୋକ ଓ ଚେତନାକୁ କେତେ ଦ୍ରୁତ ଗତିରେ ସଞ୍ଚାରିତ କରୁ ନ ଥିବେ!

୧୯୫୦ ମସିହା ଡିସେମ୍ବର ୫ ତାରିଖ ରାତି ୧ଟା ୨୬ ମିନିଟ୍, ଶ୍ରୀଅରବିନ୍ଦ ତାଙ୍କ ସ୍ଥୂଳ ଶରୀର ତ୍ୟାଗ କଲେ। ମୃତ୍ୟୁର କୌଣସି ନିଦର୍ଶନ ତାଙ୍କ ଶରୀରରେ ନ ଥିଲା। ତାଙ୍କ ଶରୀର ନୀରଦଦାଙ୍କ ଭାଷାରେ ସ୍ୱର୍ଣ୍ଣାଭ ଈଷତ୍ ଲାଲ ବର୍ଣ୍ଣରେ ରଞ୍ଜିତ ଥିଲା। ମା କହିଥିଲେ ଏହି ଜ୍ୟୋତି ଯଦି ସବୁଦିନ ପାଇଁ ରହେ ତା' ହେଲେ ଶ୍ରୀଅରବିନ୍ଦଙ୍କ ଶରୀରକୁ ଆମେ ଏକ କାଚ ବାକ୍ସ ଭିତରେ ରଖିବା। କିନ୍ତୁ ଡିସେମ୍ବର ୯ ତାରିଖରେ ସେହି ଜ୍ୟୋତି ନିଷ୍ପ୍ରଭ ହେବାକୁ ଲାଗିଲା। ମା'ଙ୍କ ନିର୍ଦ୍ଦେଶରେ ଏକ ଶିଶୁକାଠର ବାକ୍ସ ଯାହାର ଭିତର ରୁପା ଚଦର ଓ ସାର୍ଟିନ କନାରେ ଢଙ୍କା ଯାଇଥିଲା, ତା' ମଧ୍ୟରେ ପ୍ରଭୁଙ୍କ ଶରୀର ରଖାଗଲା। ଶରୀରକୁ ସୁବର୍ଣ୍ଣଖଚିତ ବସ୍ତ୍ରରେ ଆବୃତ କରଯାଇଥିଲା। ୯ ତାରିଖ ସଂଧ୍ୟା ୫ଟା ସମୟରେ ଆଶ୍ରମସ୍ଥ ସେବା ବୃକ୍ଷ ମୂଳରେ ଖୋଦିତ ହୋଇଥିବା ଭଲ୍ଟ ମଧ୍ୟରେ ୧୦୦ ଘଣ୍ଟାରୁ ଉର୍ଦ୍ଧ୍ୱ ଅତିମାନସ ଶକ୍ତିକୁ ଧାରଣ କରି ରହିଥିବା ଶ୍ରୀଅରବିନ୍ଦଙ୍କ ଶରୀରକୁ ସମାଧି ଦିଆଗଲା। ଶ୍ରୀଅରବିନ୍ଦଙ୍କ ମସ୍ତକ ପୂର୍ବଦିଗକୁ ରହିଲା। ୬ ଇଞ୍ଚ ମୋଟାର ସିମେଣ୍ଟ ସ୍ଲାବ୍ କଫିନ୍ ଉପରେ ତଳୁ ୬ ଫୁଟ ଉପରକୁ ରଖାଗଲା। ସେହି ସ୍ଲାବ୍‌ର ଉପରକୁ ୬ଫୁଟ୍ ଉପରେ ଆଉ ଏକ ସ୍ଲାବ୍ ରଖାଗଲା। ଭିତରେ ୬ଫୁଟର ଖାଲି ଚାମ୍ବର ରହିଲା। ସେଇଟି ମା'ଙ୍କ ଶରୀର ପାଇଁ ଉଦ୍ଦିଷ୍ଟ ଥିଲା। ଦ୍ୱିତୀୟ ସ୍ଲାବ୍ ଉପରେ ବାଲି ରଖାଯାଇ କଦଳୀ ପତ୍ର ବିଛାଗଲା। ତା' ଉପରେ ଫୁଲ ସଜାଗଲା। ମା'ଙ୍କ ଶରୀର ପାଇଁ ଉଦ୍ଦିଷ୍ଟ ଥିବା ଶୂନ୍ୟ ଚାମ୍ବରରେ ବାଲି ଭର୍ତ୍ତି କରି ଦିଆ ଯାଇଥିଲା। ଆଜି ଦୁହିଙ୍କ ଶରୀରକୁ ଅକ୍ଷତ ରୂପେ ନିଜ ମଧ୍ୟରେ ପାଇ ଜଡ଼ ନିଶ୍ଚେତନ ମୃତ୍ତିକାର ଅଣୁପରମାଣୁ କେତେ ଖୁସିରେ ନିଜକୁ ଆଲୋକ ଓ ଚେତନାଦୀପ୍ତ କରିବାରେ ଲାଗି ନ ଥିବେ!

ଶ୍ରୀଅରବିନ୍ଦଙ୍କ ସେଇ ଦିବ୍ୟଶରୀରର ପ୍ରତ୍ୟେକଟି ଅଂଶ ସମଗ୍ର ପୂର୍ଣ୍ଣାଙ୍ଗ ଶରୀରର ଗୁଣଧର୍ମକୁ ତତ୍ତ୍ୱତଃ ପରିପୂର୍ଣ୍ଣରୂପେ ଧାରଣ କରିଛି। ଆଜି ୫.୧୨.୨୦୦୩ ସଂଧ୍ୟା ସାଢ଼େ ୫ଟା ସମୟରେ ଶ୍ରୀଅରବିନ୍ଦଙ୍କ ରୁମ୍‌ରୁ ଓଡ଼ିଶାର ୧୨ଟି ସ୍ଥାନରେ ପ୍ରତିଷ୍ଠା ଲାଭ ନିମନ୍ତେ ଯେଉଁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ଯାଉଛି ତାହା ଓଡ଼ିଶାର ଜନସମାଜ, ଜୀବଜନ୍ତୁ ଓ ଗଛଲତାଙ୍କ କଥା ଛାଡ଼, ତା'ର ମାଟିର ଅଣୁ ପରମାଣୁ ଲାଗି କେତେ ଯେ ଆନନ୍ଦ ଓ ସୌଭାଗ୍ୟର କଥା ତାହା ମଣିଷ ଅପେକ୍ଷା ସେମାନେ ବେଶୀ ଜାଣନ୍ତି। ସେହି ଆପାତନିର୍ଜୀବ ଧୂଳିମାଟିଠାରୁ ମଣିଷ ଶିକ୍ଷାଲାଭ କରି କ୍ଷଣିକ ଆଡ଼ମ୍ବରପୂର୍ଣ୍ଣ ସମାରୋହ ପରେ ସବୁକିଛି ଭୁଲି ନ ଯାଇ ତା'ର ସେହି ସହୃଦୟ, ସପ୍ରେମ, ସଚେତନ, ସଯତ୍ନ ଆଗ୍ରହ ଓ ଆବେଗକୁ ଧରିରଖିବ ଓ ଜୀବନରେ, କର୍ମରେ ତଥା ଜଗତରେ ତା'ର ଉତ୍ତରୋତ୍ତର ବିକାଶଲାଭ ଓ ପରିପ୍ରକାଶ ନିମନ୍ତେ ଅଭିଯାନରେ ଲାଗି ରହିବ ଓ ଏହି ଅଭିଯାନ ସମ୍ଭୂତ ଅଗ୍ରଗତିର ନୂତନ ପୁଷ୍ପସମ୍ଭାର ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣ-କମଳରେ ଉପହାର ଦେଇ ନିଜ ଜୀବନକୁ ସାର୍ଥକ କରିବ ବୋଲି ଆଶା। ଶେଷରେ ପୃଥିବୀର ଚିରନ୍ତନ ଅଭିଯାନର ଶାଶ୍ୱତ ଅଗ୍ରଦୂତଙ୍କୁ କୃତଜ୍ଞତାଭରା ପ୍ରଣାମ ଜଣାଇ ରହୁଛୁ।

❐❐❐

*ଡକ୍ଟର ଅରବିନ୍ଦ କୁମାର ପାଢ଼ୀଙ୍କ ଶୁଭେଚ୍ଛା...*

# ଏକ ଅନ୍ତରଙ୍ଗ ଶୁଭେଚ୍ଛା

**ଶ୍ରୀ**ଅରବିନ୍ଦ ମହାକାବ୍ୟ 'ସାବିତ୍ରୀ'ରେ ଉଲ୍ଲେଖ କରିଛନ୍ତି - "To raise the world to God in deathless light to bring God down to the world on earth, we came, to change the earthly life to Life Divine." ଏହାର ଓଡିଆ ଭାଷାନ୍ତର ଏହିପରି କରାଯାଇପାରେ -

" ତୋଳିବାକୁ ଏ ଧରଣୀ ଦିବ୍ୟଭୂମି ଅମର ଆଲୋକେ
ମର୍ତ୍ତ୍ୟପ୍ରାଣ କରିବାକୁ ରୂପାନ୍ତର ଦିବ୍ୟ ଜୀବନରେ
ଆଗମନ ଆମ, ଦେବତାରେ ଆଣିବାରେ ଏହି ପୃଥ୍ୱୀପରେ।"

ମା' ଓ ଶ୍ରୀଅରବିନ୍ଦ ଏକ ହିଁ ଚେତନା, ଏକ ହିଁ ବ୍ୟକ୍ତିତ୍ୱ, ଏକ ଓ ଅଭିନ୍ନ ସତ୍ତା। ପୃଥିବୀରେ ସେମାନଙ୍କ ଆବିର୍ଭାବ ଏକ ବିଶେଷ କର୍ମ ସମ୍ପାଦନ ପାଇଁ ଥିଲା। ଅତିମାନସ ଚେତନା- ଜ୍ୟୋତି- ଶକ୍ତିକୁ ସେ ଦୁହେଁ ମାନବ ଜାତିର କଲ୍ୟାଣ ପାଇଁ ସାଧନା କରି ପୃଥିବୀର ସ୍ଥୂଳ ଓ ସୂକ୍ଷ୍ମ ଚେତନାର ସ୍ତରକୁ ଓହ୍ଲେଇ ଆଣି ପାରିଛନ୍ତି।

ଅତିମାନସ ରୂପାନ୍ତରକାରିଣୀ ଶକ୍ତି କ୍ରିୟା କରିଚାଲିଛି। ମାନବ ଅତିମାନବ ସ୍ତରକୁ ରୂପାନ୍ତରିତ ହେବ।

ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା କେନ୍ଦ୍ର ସ୍ଥାପନ କରି, ସାଧନା ମାଧ୍ୟମରେ ପୂର୍ଣ୍ଣାଙ୍ଗ ଯୋଗରେ ଅଗ୍ରସର ହେବା ଦ୍ୱାରା ଅତିମାନସର କ୍ରିୟା ଶକ୍ତି ଅଧିକ ସକ୍ରୀୟ ହୋଇ ମାନବର ଦେହ -ମନ- ପ୍ରାଣକୁ ଦିବ୍ୟ ଆଲୋକରେ ରୂପାନ୍ତରିତ କରି ପାରିବ।

ନବରଙ୍ଗପୁର ଜିଲ୍ଲାର ଦ୍ୱିତୀୟ ଶ୍ରୀଅରବିନ୍ଦଙ୍କ ସମାଧି ମନ୍ଦିର ଆଗାମୀ ୧୯-୧୨-୨୦୦୩ ତାରିଖରେ ପ୍ରତିଷ୍ଠିତ ହେବାର ଦିବ୍ୟ ମୁହୂର୍ତ୍ତରେ ମୁଁ ଦିବ୍ୟଜନନୀ ଶ୍ରୀମା ଓ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କଠାରେ ହାର୍ଦ୍ଦିକ ପ୍ରାର୍ଥନା ନିବେଦନ କରେ - କଳା- ସାହିତ୍ୟ- ସଂସ୍କୃତି- ଆଧ୍ୟାତ୍ମିକ ବିଭବରେ ରଙ୍ଗାୟିତ ନବରଙ୍ଗପୁର, ଜିଲ୍ଲାର ସର୍ବାଙ୍ଗୀନ ବିକାଶ ହେଉ। ନବରଙ୍ଗପୁର ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଗଢ଼ି ଉଠିଥିବା ୧୦ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ୩୦୦ରୁ ଉର୍ଦ୍ଧ୍ୱ ପାଠଚକ୍ରର ମାତୃଭକ୍ତ, କର୍ମୀ, ଅପାଭାଇମାନେ ଅଧିକରୁ ଅଧିକ ନିଷ୍ଠାପର ହୋଇ ଏହି ମହାନ୍ - ଦୁରୂହ ଯାତ୍ରାର ଯଥାର୍ଥ ଯାତ୍ରୀ ହୁଅନ୍ତୁ।

ଶ୍ରୀମାତା ଶରଣଂ ମମ
ଶ୍ରୀଅରବିନ୍ଦଃ ଶରଣଂ ମମ।

**ଜିଲ୍ଲାପାଳ, ନବରଙ୍ଗପୁର**

❏❏❏

*ଶ୍ରୀଯୁକ୍ତ ପର୍ଶୁରାମ ମାଝୀଙ୍କ କଲମରୁ...*

# କୃତଜ୍ଞତା

**ଶ୍ରୀ**ମାଙ୍କର ନବବର୍ଷ ପ୍ରାର୍ଥନା : "ବାକ୍ୟ ନୁହେଁ - କର୍ମ" (୧୯୬୯) ଏବଂ "ପୃଥିବୀ ଏକ ବିପୁଳ ପରିବର୍ତ୍ତନ ନିମିତ୍ତ ପ୍ରସ୍ତୁତ ହେଉଛି । ତୁମେ ସାହାଯ୍ୟ କରିବ କି ?" (୧୯୭୦) । ଏହି ବାଣୀ ମୋର ହୃଦୟକୁ ସ୍ପର୍ଶ କରିଛି । ଶ୍ରୀମା ଶ୍ରୀଅରବିନ୍ଦଙ୍କ ବାଣୀ, ଆଶୀର୍ବାଦ ପୁଷ୍ପ ପ୍ରସାଦ, ଅଳ୍ପ କେତେକ ବହିର ସ୍ୱାଧ୍ୟାୟ, ମୋର ଜୀବନ- ଆଦର୍ଶ ଓ ଚିନ୍ତାଧାରାରେ ଅନେକ ପରିବର୍ତ୍ତନ ଆଣିପାରିଛି । ଡାବୁଗାଁ, ଉମରକୋଟ, କୋଡିଙ୍ଗା, ନବରଙ୍ଗପୁର, କୋଟପାଡ଼, ଚିତ୍ରକୋଣ୍ଡା ଓ ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନେଇ ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳ ଗଠିତ । ଏହି ଲୋକସଭା ମଣ୍ଡଳର ସାଂସଦ ଭାବେ ନିର୍ବାଚିତ ହେଲା ପରେ ଏହାର ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାଠଚକ୍ର, ସମାଧି ମନ୍ଦିରରେ ଅନୁଷ୍ଠିତ ବିଭିନ୍ନ ଉତ୍ସବ ଅନୁଷ୍ଠାନମାନଙ୍କରେ ଯୋଗ ଦେଇଛି ଏବଂ ଏହି ଅବସରରେ ଉକ୍ତ ଅନୁଷ୍ଠାନର ଶାନ୍ତ, ନୀରବ, ସୁନ୍ଦର ପରିବେଶ ମୋତେ ମୁଗ୍ଧ କରିଛି । ମୋର କ୍ଷମତା ପରିସର ମଧ୍ୟରେ ଇନ୍ଦ୍ରାବତୀ, ବି.ମାଳିଗୁଡା, କୋଟପାଡ ପ୍ରଭୃତି ଶିକ୍ଷାକେନ୍ଦ୍ରକୁ ଆର୍ଥିକ ଅନୁଦାନ ମଧ୍ୟ ଯୋଗାଇ ଦେଇଛି ।

୨୦୦୩ ଡିସେମ୍ବର ୧୯ ତାରିଖରେ ବି.ମାଳିଗୁଡ଼ାରେ ଏବଂ ୨୦ ତାରିଖରେ କୋଟପାଡ଼ଠାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା କରାଯିବାର ମାଙ୍ଗଳିକ ଅବକାଶରେ ନିଜକୁ ସାମିଲ କରିବାର ସୁଯୋଗ ମଧ୍ୟ ମୋତେ ମିଳିଥିବାରୁ ମୁଁ ମା' ଓ ଶ୍ରୀଅରବିନ୍ଦଙ୍କ ପଦାରବିନ୍ଦରେ ଅଶେଷ କୃତଜ୍ଞତା ଜ୍ଞାପନ କରୁଛି ।

ମୋର ଆନ୍ତରିକ ସଦିଚ୍ଛା - ଭଗବତ୍ କୃପାରୁ ପୃଥିବୀରୁ ଅଜ୍ଞାନ ଅନ୍ଧକାର ଦୂରୀଭୂତ ହେଉ । ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ ଅତି ଶୀଘ୍ର ବାସ୍ତବରେ ପରିଣତ ହେଉ । ମାନବ ରୋଗ- ଦୁଃଖ- ଜରା ଓ ମୃତ୍ୟୁ କବଳରୁ ମୁକ୍ତ ହୋଇ ରୂପାନ୍ତରିତ ଦେହ- ମନ- ପ୍ରାଣରେ ଭଗବତ ପ୍ରାପ୍ତି କରୁ । ପୃଥିବୀରେ ଅମର ଆନନ୍ଦ, ସତ୍ୟ ଜ୍ୟୋତି, ଶାନ୍ତି, ସଂହତି, ସୌହାର୍ଦ୍ଦ୍ୟ, ପ୍ରୀତିର ସନାତନ ଦିବ୍ୟଧାରା ପ୍ରବାହିତ ହେଉ ଅନନ୍ତ ସମୟ ପାଇଁ ।

ହେ ସତ୍ୟ, ଆସ ପ୍ରତିଷ୍ଠିତ ହୁଅ ।

**ମାନ୍ୟବର ସାଂସଦ (ଲୋକସଭା)**
**ନବରଙ୍ଗପୁର**

❐❐❐

*Report on the Centres*

# JALADA - AN ABODE FOR LORD SRI AUROBINDO

## Jalada, Baleshwar

On NH- 5 towards Baleswar you turn left just at U.N. College, Soro and after 12 kms. drive with rural settings you reach village Jalada.

In this village is situated Sri Aurobindo Purna Yoga Kendra managed by SRIMA Trust. This place is the juncture of 3 districts - Balasore, Mayurbhanj and Keonjhar on the north western part of Orissa. Over looking the premise of the centre stands a blud mountain called Debnagari (God's mountain) a part of the Simulipal range.

The Centre comprises a residential school based on the ideals and teachings of Sri Aurobindo and the Mother, a Meditation Hall and the Shrine for the Relics. A trinity of banyan, pipul and neem tree, creating a serene spiritual atmosphere. There is a big pond in the centre of the premises which attracts hundreds of water birds throughout the year.

This centre is founded by the aspiration of devotees of Sri Aurobindo and the Mother. This was initiated since more than three decades. The Relics Centre is sorrounded by more than five acres of land belonging to the Trust. There is another patch of land near the main centre which is being developed as an orchard and a botanical garden for educational purposes.

The organisers of this Centre are keeping constant contact with Sri Aurobindo Ashram, Pondicherry and are exclusively guided by the teachings of the Mother and Sri Aurobindo. Personal correspondence and contact with reverend Babaji Moharaj Sri Ramakrushna Das, Sri Champaklaljee and Prof. Propatti has played a great role on the formation of this centre and inspiration for the organisers. Moreover, devotees and organisers from various parts of Orissa and Pondicherry are involved with the works of the centre.

After a long waiting with hope and aspiration Lord Sri Aurobindo has agreed to make the centre His abode and His Relics is going to be enshrined on the 9th December, 2003 on His Mahasamadhi day.

Once again all of us prostrate at His Lotus Feet with all our aspiration to become the instruments of the Divine Mother alone for Her work.

❒❒❒

*Report on the Centres*

# SRI AUROBINDO SEVASHRAM

## Khariar, Nuapada

The Mother's work at Khariar in the district, Nuapada was initiated when Manjurani Dash joined here as a teacher on 12th November, 1975 in the local girls' high school. She opened the first Sri Aurobindo Study Circle at her home. Babaji Maharaj Sri Ramakrishna Das and Sri Prapatti were always encouraging to go ahead in The Mother's work. With the leadership of Sri Bhajakrushna Sahu, the message of Sri Aurobindo and The Mother started taking roots at different sectors of Khariar. In 1992 a decision was taken to register the study circle as **Sri Aurobindo Sevashram.** When Sri T.G.Reddy came to Khariar as a police officer, he inspired all the members of the study circle to start a Sri Aurobindo Integral Education Centre. Manjurani Dash offered her land in the town and the Integral School was started. Up to now the classes in the school are from KG to standard VI and every year a new class is being opened.

In the year 2000 the number of Sri Aurobindo Study Circles at Khariar were 48. Slowly the hope to have Sri Aurobindo's Sacred Relics Centre arose in every one's mind. As there was no Relics centre in the district of Nuapada and that too within 100 KM distance, Sri Aurobindo Ashram Trust agreed to the proposal of the All Orissa Sri Aurobindo Study Circle Committee and sanctioned the installation of Sri Aurobindo's Relics. One acre land was purchased and the construction work started, inspite of all possible hindrances, with full strength of the aspiration of all members.

We are very grateful at The Lotus Feet of our Sweet Mother for guiding us and filling our hearts with Her love and inspiration and for having given us the chance to serve Her.

*Without the Divine we are limited, incompetent and helpless beings; with the Divine, if we give ourselves entirely to Him, all is possible and our progress is limitless.*

*A special help has come on to the earth for Sri Aurobindo's centenary year; let us take advantage of it to overcome the ego and emerge into the light.*

***– The Mother***

*Report on the Centres*

# SRI AUROBINDO SADHANA MANDIR,

## Cement Nagar, Bargarh

This is not an ordinary temple, neither is its aim ordinary. It has the great aim to participate in the Divine's Work, to become an instrument of the Divine Mother in Her Lila of Manisfestation.

It was the year 1972, the year of Sri Aurobindo's Birth Centenary. The first study circle was started on 24th November at the residence of Sri Kahnu Charan Swain. As the years rolled on, the members in Centre started increasing. By the sweet and self effacing personality of Sri Madhusudan Mishra and dynamic involvement of Sri Bhajakrushna Sahu , the study circles became active. On 19th December, 1983 Sri Madhusudan Mishra laid the foundation of the study circle building which was inaugurated by Sri Prapatti on 28th January, 1986.

The first Sri Aurobindo women study circle in this area was opened on 1st January, 1987 by Smt. Kamala Rout. On 4th April, 1990, the **Auromira Study Circle,** the youth and student section of the centre started functioning by the guidance of Sri Samarendra Lenka. This opened a new dynamic chapter for the centre.The youth and students organised "AuroMira Sale centre", " AuroMira Music centre", a wall magazine "Auro Patra", "Auro Library", "Auro Hostel", a mobile Sri Aurobindo Study Circle and gave new enthusiasm to the locality. A quarterly magazine "Sangati" was started on behalf of the zone. On 25th, 26th and 27th December of 1992, for the first time a "Sri Aurobindo Youth and Student Camp" of Baragada district had been organised. This is an annual camp being held every year since then. Another land mark was the silver jubilee celebration of the study circle on 28th and 29th January, 1997. A fresh inspiration has awakened in the locality to a new dimension. On 15th August, 1999, a Sri Aurobindo Integral Education Centre has been started by Sri Alekh Chandra Palai. Every year one new section is being added to the education centre.

Amidst all the activities a secret desire lingered on every one's heart to have the Relics of The Lord.The heart's prayer was offered at The Mother's Room and Sri Aurobindo's Room. On 30th September, 2001 at the garden of the centre, Sri Dharanidhar Sahu laid the foundation of the proposed Relics Centre. An intense inspiration touched everyone's heart. Our engineer brother Sri Binod Kumar Sahu prepared a simple but beautiful plan and the construction activity gained momentum.

On 2nd February, 2002 when Sri Aurobindo's Relics halted for few minutes on the way to Ruchida, it was felt as if The Lord said to us "Get Prepared I am coming here too".

The center is deeply grateful to Madhusudan Mishra, Anadi Charan Swain, Bhajakrushna Sahu, C.H.Nirakar, Pravat Kumar Nayak and many others for their inspiring words.

The foot fall of "14th December, 2003", the scheduled date of the actual installation is resonating in everyone's heart. We are waiting for The Lord.❐❐❐

*Report on the Centres*

# MATRUBHUMI

## Sri Aurobindo Pathachakra, Dera, Talcher, Anugul

In the early seventies a group of young School and College students of in and around Dera had began to turn towards Sri Aurobindo's and Mother's thoughts and had began reading and discussing Their books. This resulted in the organisation of a Sri Aurobindo Study Circle in 1975. Initially there were weekly sittings and along with that some works of public interest were taken up. These were awareness programmes for a healthy life, environmental sanitation, helping poor students, building up of library, organisation of seminars, attending Sri Aurobindo Integral Education Teacher's training programmes, visiting Sri Aurobindo Ashram and other Sri Aurobindo Centres of Orissa.

Initially there was no definite place to conduct the study circle; it was held at different places. Gradually more people including the elders began to get interested and involved in the movement. This resulted in the creation of the permanent place for the study circle. Financial as well as physical help poured in to expedite the work.

At the moment 5 study circle sittings are conducted here. Two general Study Circle sittings on Wednesdays and Sundays from 6 to 7 p.m. and 5.30 to 6.30 p.m. respectively; Sri Aurobindo Mahila Pathachakra sittings are held on Thursdays from 5 to 6 P.M; Sri Aurobidno teachers study circle are held on Saturdays 11.30 a.m. to 12.30 p.m.; Old students' Pathachakra on Sundays 7 to 8 P.M. Apart from this the Mother's and Sri Aurobindo's Birthdays, other two Darshan days as well as the Study Circle anniversaries are observed annually.

One of the main dream of the devotees of Sri Aurobindo Pathachakra here, was to bring the sacred Relics of the Supreme Lord, Sri Aurobindo to Dera. Babaji Maharaj guided us at every step and Sri Champaklalji poured his love on us and that lead to lay the foundation on 21$^{st}$ February 1999. Finally the dream is going to true on 12$^{th}$ December 2003.

All the activities of this study circle are taken up in order to grow into the higher consciousness as well as place before the people this new

ideal. The following sections have been opened in the premises of the Study Circle: -

1. Sri Aurobindo Library
2. Sri Aurobindo Institute of Integral Education and Research
3. Annapurna Bhandar (Sale Centre)
4. Matru Bhojanalaya (Dining hall)
5. Flower and Fruit Garden and Agriculture.
6. Sri Aurobindo Samadhi Mandir
7. Hostel

Sri Aurobindo Institute of Integral Education and Research: -

This is a wing of the study circle. And is based on the Mother and Sri Aurobindo's philosophy. Prof. Prapatti of Sri Aurobindo Ashram had laid the foundation of this education centre on 27th July, 1985. It started from K.G. and Std-1. Now it has gone up to Std- VII with 368 students.

We are thankful to Mahanadi Coalfields Limited, a Govt. of India Coal Company who allotted a valuable land at the heart of Talcher i.e. Dera in favour of Sri Aurobindo Pathachakra and study circle and developed some of the important infrastructure like school building , drinking water and electricity etc free of cost. After this the work of the study circle began to take roots. The area was named 'Matrubhumi'.

Sri Aurobindo came to tell the world of the beauty of the future that must be realised.

He came to give not a hope but a certitude of the splendour towards which the world moves. The world is not an unfortunate accident, it is a marvel which moves towards its expression.

The world needs the certitude of the beauty of the futute. And Sri Aurobindo has given that assurance.

***– The Mother***

*Report on the Centres*

# MATRUBIHAR

## Barijhola, Rayagada

23rd July 1970 was a memorable day for Rayagada when a Sri Aurobindo Study Circle was started in the residence of the then District Agriculture Officer, late Sri Mayadhar Singh.

କାର୍ଯ୍ୟ ସବୁ ଭଗବାନଙ୍କର । ସେ ହିଁ କରନ୍ତି । ଆମେମାନେ କେବଳ ଯନ୍ତ୍ର ହୋଇ ତାଙ୍କରି ଇଚ୍ଛା ଓ ନିର୍ଦ୍ଦେଶରେ ଅଭିନୟ କରୁଛୁ । ଆସିଲା ୨୦୦୦ ମସିହା । ଏକ ବିଂଶ ଶତାବ୍ଦୀର ନୂତନ ଚେତନା ସବୁରି ଭିତରେ ଚେତନାକୁ ଆହୁରି ଜାଗ୍ରତ ଓ ପ୍ରସାରିତ କରିଛି । ସେହି ବର୍ଷ ସିମେଣ୍ଟ୍ ନଗର ଓ ବରଗଡର କେତେ ଜଣ ଭାଇ ଅପା ମିଶି ନଭେମ୍ବର ମାସରେ ଯାଇଥାଉ ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ । ନଭେମ୍ବର ୧୭ ତାରିଖ, ମା'ଙ୍କର ମହାପ୍ରୟାଣ ଦିବସ, ମାତୃ ପ୍ରକୋଷ୍ଠ ଦର୍ଶନ । ମା'ଙ୍କୁ ପ୍ରାର୍ଥନା ପତ୍ରଟିଏ ନିବେଦନ କଲୁ "ମା", ସାଧନା ମନ୍ଦିରରେ ପ୍ରଭୁଙ୍କର ଦେହାଂଶ ମନ୍ଦିର ନିର୍ମିତ ହେଉ । ପ୍ରଭୁ ବିରାଜିତ ହୁଅନ୍ତୁ ।" ଆଶୀର୍ବାଦ ଆସିଲା । ୧୫ ଅଗଷ୍ଟ ୨୦୦୧ ରେ ବରଗଡରେ ଦିଲ୍ଲୀପ ଭାଇଙ୍କ ହାତରେ ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠକୁ ଏଥିପାଇଁ ପ୍ରାର୍ଥନା ପ୍ରେରଣ କରାଗଲା । ତା୨୬.୯.୨୦୦୧ରିଖ, ସନ୍ଧ୍ୟାରେ ନିରାକାର ଭାଇଙ୍କ ଉପସ୍ଥିତିରେ ଦେହାଂଶ ମନ୍ଦିର ନିର୍ମାଣ ସମ୍ବନ୍ଧରେ ଆନୁଷ୍ଠାନିକ ବୈଠକ ଅନୁଷ୍ଠିତ ହେଲା । ଭାଇଅପାମାନେ ଆଗ୍ରହରେ ଆର୍ଥିକ ସହଯୋଗ କଲେ । ୩୦ ସେପ୍ଟେମ୍ବର ୨୦୦୧, ଶ୍ରୀଅରବିନ୍ଦ ସାଧନା ମନ୍ଦିର, ସିମେଣ୍ଟ ନଗର ପାଇଁ ଚିରସ୍ମରଣୀୟ ଏବଂ ବହୁ ପ୍ରତୀକ୍ଷିତ ଦିବସ । ଭାଇଭଉଣୀଙ୍କ ଉପସ୍ଥିତିରେ ବଗିଚା ମଧ୍ୟରେ ଦେହାଂଶ ମନ୍ଦିର ନିର୍ମାଣର ଶୁଭାରମ୍ଭ କଲେ ଶ୍ରୀ ଧରଣୀଧର ସାହୁ ମାତୃମନ୍ତ୍ର ଆବୃତ୍ତିର ଅମୃତ ପରିବେଶ ମଧ୍ୟରେ । ବାଧା ପ୍ରତିରୋଧ ଅନେକ । କିନ୍ତୁ ସେ ସବୁ ଯେ ଆମ୍ଭମାନଙ୍କୁ ଆହୁରି ସଙ୍ଗତିପୂର୍ଣ୍ଣ ଓ ସମନ୍ୱିତ କରିବାକୁ, କାର୍ଯ୍ୟଧାରାକୁ ଆହୁରି ତୀବ୍ର କରିବାକୁ । ମାତୃପ୍ରେମୀ ଇଞ୍ଜିନିୟର ଶ୍ରୀ ବିନୋଦ କୁମାର ସାହୁ ଦେହାଂଶ ମନ୍ଦିରର ନକ୍‌ସା ପ୍ରସ୍ତୁତ କଲେ । କାମ ଆଗେଇ ଚାଲିଲା ସମସ୍ତଙ୍କ ସହଯୋଗରେ । ୨୦୦୨ ମସିହା ଫେବୃୟାରୀ ମାସ ୨ ତାରିଖରେ ପ୍ରଭୁଙ୍କର ପବିତ୍ର ଦେହାଂଶ ସ୍ଥାପନା ପାଇଁ ରୁଚିଦା ପୀଠକୁ ଗଲାବେଳେ କିଛି ସମୟ ଅଟକି ରହିଲା ସାଧନା ମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ । କି ଅପୂର୍ବ, କି ଆନନ୍ଦମୟ ସେ ମୁହୂର୍ତ୍ତ । ଚେତନା ସବୁ ଚେଇଁ ଉଠିଲା । ପ୍ରଭୁ ଯେମିତି ପ୍ରତିଶ୍ରୁତି ଦେଇଗଲେ "ମୁଁ ଆସି ସଜାଗ କରିଯାଉଛି । ପ୍ରସ୍ତୁତ ହୁଅ । ମୁଁ ଆସୁଛି ।" ନିରନ୍ତର ପ୍ରାର୍ଥନା ଚାଲିଲା ଦିବ୍ୟଜନନୀଙ୍କ ପାଦପଦ୍ମରେ । ଜନନୀ ସେ ସମସ୍ତଙ୍କର, ସବୁ କିଛିର । ସନ୍ତାନଗଣଙ୍କର ପ୍ରାର୍ଥନା ସେ ଗ୍ରହଣ କଲେ । ରାଜ୍ୟ ପାଠଚକ୍ର ସଙ୍ଗଠନର ପ୍ରୟାସ । ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀର ଟ୍ରଷ୍ଟିବୃନ୍ଦ ସ୍ୱୀକୃତି ପ୍ରଦାନ କଲେ । ମା'ଙ୍କ ଭାଷାରେ "ଆନ୍ତରିକ ପ୍ରାର୍ଥନା ସକଳ ପୂର୍ଣ୍ଣ ହୁଏ, ପ୍ରତ୍ୟେକ ଆହ୍ୱାନର ଉତ୍ତର ମିଳେ ।"

ଓଡିଶାର ୧୨ଟି ସ୍ଥାନକୁ ଦେହାଂଶ ଆସୁଛି । ସେଥି ମଧ୍ୟରେ ସାଧନା ମନ୍ଦିର ସ୍ଥାନ ପାଇଛି । ଦିନ ଧାର୍ଯ୍ୟ ସରିଛି । ୧୪ ଡିସେମ୍ବର ୨୦୦୩, ରବିବାର । ଯୁଗଦ୍ରଷ୍ଟା, ଯୁଗସ୍ରଷ୍ଟା, ସଚ୍ଚିଦାନନ୍ଦ ସ୍ୱରୂପ, ଅତିମାନସ ପୁରୁଷ, ଶାଶ୍ୱତ ଚେତନାର ଅବତାର, ପରମ ପ୍ରଭୁ ଶ୍ରୀଅରବିନ୍ଦ ବିରାଜମାନ ହେବେ ପାଠଚକ୍ର ଆନ୍ଦୋଳନର ଆଲୋକିତ ପୀଠ ସିମେଣ୍ଟନଗରସ୍ଥିତ ଶ୍ରୀଅରବିନ୍ଦ ସାଧନା ମନ୍ଦିରରେ । ଅଧିଷ୍ଠିତ ହେବେ ଦେହାଂଶ ମନ୍ଦିର "ଅରୋ ମନ୍ଦିର" ରେ ସମସ୍ତେ ପ୍ରତୀକ୍ଷାରତ । ଏଅଞ୍ଚଳର ମାଟି, ପାଣି, ପବନ, କୀଟ ପତଙ୍ଗ, ବୃକ୍ଷଲତା , ନଗରବାସୀ, ସମଗ୍ର ଜିଲ୍ଲା ଅପେକ୍ଷା କରିଛି ବିପୁଳ ସଶ୍ରଦ୍ଧ ସମ୍ବର୍ଦ୍ଧନା ସହ ପ୍ରଭୁଙ୍କୁ ଗ୍ରହଣ କରିବାକୁ । ଅନ୍ତର ଉଲ୍ଲସିତ ହୋଇ ଉଠୁଛି । ସବୁରି ହୃଦୟରୁ ଝଙ୍କାରିତ ହେଉଛି ଏକ ହିଁ ପ୍ରାର୍ଥନା - "ମା, ସତରେ ତୁ କେତେ କରୁଣାମୟୀ । କି ଅହେତୁକ କୃପା ତୋ'ର ଆମ୍ଭମାନଙ୍କ ପାଇଁ । ତୋ କାର୍ଯ୍ୟରେ ସହଯୋଗୀ ହେବାର କେତେ ସମ୍ଭାବନା, ସୁଯୋଗ ତୁ ଦେଇଛୁ ଆମ୍ଭମାନଙ୍କୁ । ପ୍ରଭୁ ଆସୁଛନ୍ତି । ତାଙ୍କୁ ଆଣିବା, ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିବାର ସକଳ କାର୍ଯ୍ୟ ତୋ'ରି ଇଚ୍ଛାନୁସାରେ ହିଁ ହେଉ । ଆମେ କେବଳ ତୋ ନିର୍ଦ୍ଦେଶରେ ତୋ କାମ କରିଚାଲୁ । ଆମ୍ଭମାନଙ୍କ ଜୀବନରେ କେବଳ ତୋରି ଇଚ୍ଛା ହିଁ ପୂରଣ ହେଉ ।"

"ବନ୍ଦେ ମାତରମ୍"

❒❒❒

*ଅନୁଷ୍ଠାନଗୁଡ଼ିକର ବିବରଣୀ...*

# ମାତୃଭୂମି

## ଡେରା, ଅନୁଗୁଳ

ସତୁରୀ ଦଶକର ପ୍ରାରମ୍ଭରେ ଡେରା ଓ ତା'ର ଆଖପାଖ ବିଦ୍ୟାଳୟ ତଥା କଲେଜରେ ପଢୁଥିବା କିଛି ଆଗ୍ରହୀ ଯୁବକ, ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ତାତ୍ତ୍ୱିକ ଆନ୍ଦୋଳନ ଆଡ଼କୁ ଢଳିଥିଲେ ଓ ତାଙ୍କ ଲିଖିତ ପୁସ୍ତକ ପଢ଼ି ପରସ୍ପର ମଧ୍ୟରେ ଆଲୋଚନା କରୁଥିଲେ । ଫଳସ୍ୱରୂପ ସେମାନଙ୍କର ପ୍ରତ୍ୟକ୍ଷ ଉଦ୍ୟମରେ ୧୯୭୫ ମସିହାରେ ଶ୍ରୀଅରବିନ୍ଦ ପାଠଚକ୍ରର ସୃଷ୍ଟି ହେଲା । ବର୍ତ୍ତମାନ ପାଠଚକ୍ରଟି ଟଷ୍ଟ ନିୟମ ଅନୁଯାୟୀ ଶ୍ରୀଅରବିନ୍ଦ ପାଠଚକ୍ର ଟ୍ରଷ୍ଟରେ ପରିଣତ ହେଲା । ପ୍ରାରମ୍ଭରେ ପାଠଚକ୍ର ସଦସ୍ୟମାନେ ସପ୍ତାହରେ ଗୋଟିଏ ଦିନ ବସି ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଲେଖାଗୁଡ଼ିକ ପଢ଼ି ଆଲୋଚନା କରୁଥିଲେ । ଏ ପ୍ରକାର କାର୍ଯ୍ୟ ସହ ସେମାନେ ଜନହିତକର କାର୍ଯ୍ୟ ହାତକୁ ନେଇଥିଲେ । ତନ୍ମଧ୍ୟରୁ ସୁସ୍ଥ ଜୀବନ ଯାପନ ପାଇଁ ଲୋକମାନଙ୍କ ମନରେ ସଚେତନତା ସୃଷ୍ଟି କାରିବା, ସେମିନାର ଆୟୋଜନ କରିବା, ଶ୍ରୀଅରବିନ୍ଦଙ୍କ ଶିକ୍ଷାନୀତି ବିଷୟରେ ତାଲିମ ପାଇଁ ତାଲିମ କେନ୍ଦ୍ରରେ ଯୋଗଦେବା ଓ ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରଗୁଡ଼ିକୁ ପରିଦର୍ଶନରେ ଯିବା ପ୍ରଭୃତି କାର୍ଯ୍ୟ ଅନ୍ୟତମ ।

ପ୍ରାରମ୍ଭିକ ଅବସ୍ଥାରେ ପାଠଚକ୍ର କାର୍ଯ୍ୟକ୍ରମ ଚାଲୁରଖିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନଥିଲା । ପାଠଚକ୍ର ଆନ୍ଦୋଳନରେ ଅନୁପ୍ରାଣିତ ହୋଇଥିବା ଯୁବକମାନେ ବିଭିନ୍ନ ସ୍ଥାନରେ ପାଠଚକ୍ରଟିକୁ ଚାଲୁରଖୁଥିଲେ । ଏହି ଯୁବଗୋଷ୍ଠୀଙ୍କ କାର୍ଯ୍ୟକଳାପ ଦ୍ୱାରା ଅନ୍ୟ ଯୁବଗୋଷ୍ଠୀ ତଥା ବୟସ୍କମାନେ ପ୍ରଭାବିତ ହୋଇଥିଲେ ଓ ପରିବର୍ତ୍ତୀ ସମୟରେ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ । କିଛିଦିନ ଏହିପରି ଅତିବାହିତ ହେବାପରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥାୟୀ ଭାବରେ ପାଠଚକ୍ର କରିବା ପାଇଁ ପ୍ରସ୍ତାବ ଆସିଥିଲା । ଫଳସ୍ୱରୂପ ସ୍ୱେଚ୍ଛାକୃତ ଭାବରେ ଆର୍ଥିକ ଓ ଶାରୀରିକ ସାହାଯ୍ୟ ଦେଇ କାର୍ଯ୍ୟଟିକୁ ତ୍ୱରାନ୍ୱିତ କରାଯାଇଥିଲା । ପାଠଚକ୍ର ସଦସ୍ୟମାନଙ୍କ ମଧ୍ୟରୁ ଜଣଙ୍କ ଦ୍ୱାରା ଦିଆଯାଇଥିବା ଜମିରେ ଏକ ଘର ତିଆରି କରାଗଲା । ତା'ର ସନ୍ନିକଟରେ ଥିବା କୋଇଲାଖଣିର ପତିତ ଜାଗାକୁ ଆବଦ୍ଧ କରି ବଗିଚା ଓ ଖେଳ ପଡ଼ିଆରେ ପରିଣତ କରାଗଲା । ଏହାପରେ ପାଠଚକ୍ର କାର୍ଯ୍ୟକଳାପ ସୁଦୃଢ଼ ଭାବରେ ଚାଲିଲା । ନିର୍ଦ୍ଦିଷ୍ଟ ସ୍ଥାନଟି ମାତୃଭୂମି ନାମରେ ନାମିତ କରାଗଲା । ବର୍ତ୍ତମାନ ଏହି ଅନୁଷ୍ଠାନ ମଧ୍ୟରେ ୫ଟି ସାପ୍ତାହିକ ପାଠଚକ୍ର ଅନୁଷ୍ଠିତ ହେଉଛି । ସେଥି ମଧ୍ୟରୁ ଦୁଇଟି ସାଧାରଣ ପାଠଚକ୍ର ବୁଧବାର ଓ ରବିବାର, ଶିକ୍ଷକ ପାଠଚକ୍ର ଶନିବାର ଏବଂ ମହିଳା ପାଠଚକ୍ର ଗୁରୁବାର ଅନୁଷ୍ଠିତ ହେଉଛି ।

ଏହା ବ୍ୟତୀତ ଶ୍ରୀମାଶ୍ରୀଅରବିନ୍ଦଙ୍କ ଜନ୍ମଦିନ, ଦର୍ଶନ ଦିବସ ଓ ପାଠଚକ୍ରର ବାର୍ଷିକ ଉତ୍ସବ ଯଥାରୀତିରେ ପାଳିତ ହେଉଅଛି । ପାଠଚକ୍ର ମାଧ୍ୟମରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ଦର୍ଶନକୁ ପଢ଼ି ନିଜେ ଜାଣିବା ଓ ଲୋକମାନଙ୍କ ପାଖରେ ପହଞ୍ଚାଇବା ଦ୍ୱିତୀୟତଃ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ଉଚ୍ଚତର ଚେତନାରେ ପୂର୍ଣ୍ଣାଙ୍ଗ ଜୀବନଯାପନ କରିବା, ଯାହାକି ସମୟକ୍ରମେ ଏକ ସୁସ୍ଥ ଆଧ୍ୟାତ୍ମିକ ସମାଜ ଗଢ଼ି ଉଠିବାରେ ସହାୟକ ହୋଇପାରିବ ।

ଏହି ଉଦ୍ଦେଶ୍ୟରେ ୧୨ ଡିସେମ୍ବର ୨୦୦୩ରେ ଉଦ୍‌ଘାଟିତ ହେବାକୁ ଯାଉଥିବା ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ମନ୍ଦିର ଆମମାନଙ୍କର ପ୍ରେରଣାର ଜ୍ୟୋତିର୍ମୟ ଉତ୍ସ ହୋଇ ରହିବ । ଶ୍ରୀଅରବିନ୍ଦଙ୍କ ଆଗମନ ଆମ୍ଭମାନଙ୍କର ଚେତନାକୁ ପବିତ୍ର, ବିସ୍ତାରିତ ତଥା ମା'ଙ୍କ କାର୍ଯ୍ୟ ନିମନ୍ତେ ଯୋଗ୍ୟ କରି ଗଢ଼ିତୋଳୁ ।

❐❐❐

*ଅନୁଷ୍ଠାନଗୁଡ଼ିକର ବିବରଣୀ...*

# ଅନ୍ୟପଥ– ଅନନ୍ୟ ପୃଥିବୀ

## ମାତୃ ବିହାର, ବାରିଝୋଲା, ରାୟଗଡ଼ା

***(ଓଡିଶାର ରାୟଗଡା ପାଠଚକ୍ରଲାଗି ପ୍ରଦତ୍ତ ସନ୍ଦେଶ)***

The moment approaches when the truth will govern the world. Will you work to hasten its coming?

*Blessings*

1971 ***– The Mother***

"ସେହି ମୁହୂର୍ତ୍ତ ଆସୁଛି, ଯେତେବେଳେ କି ଦିବ୍ୟ ସତ୍ୟ ହିଁ ପୃଥିବୀକୁ ପରିଚାଳନା ଭାର ଗ୍ରହଣ କରିବ । ତାହାର ଆଗମନକୁ ତ୍ୱରାନ୍ୱିତ କରିବା ସକାଶେ ତୁମ୍ଭେମାନେ କାର୍ଯ୍ୟ କରିବ କି ?" - ଅନେକ ଆଶୀର୍ବାଦ, ଶ୍ରୀମା ୧୯୭୧, ମାତୃ ରଚନାବଳୀ - ୨୪୯ ପୃଷ୍ଠା

୧୯୭୦ ମସିହାର ଜୁଲାଇମାସ ୨୩ ତାରିଖଟି ରାୟଗଡାଳପାଇଁ ଏକ ଅବିସ୍ମରଣୀୟ ଦିବସ । ରାୟଗଡାର ଆଧ୍ୟାତ୍ମିକ ଇତିହାସରେ ନବଚେତନାର ଏକ ନବପୃଷ୍ଠା ଉନ୍ମୋଚିତ ହୁଏ । ଦିବ୍ୟ ଜନନୀଙ୍କର ଅହେତୁକ କୃପା ଓ ଆଶିଷ ଝରି ପଡେ ସବୁଜ ପାହାଡ ଘେରା ଏହି ତୃଷିତ ମୃତ୍ତିକା ଉପରେ । ଫଳରେ ଏହି ଶୁଭ ଦିବସରେ ସର୍ବପ୍ରଥମେ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୁଏ, ତତ୍‌କାଳୀନ ଜିଲ୍ଲା କୃଷି ଅଧିକାରୀ ଶ୍ରୀଯୁକ୍ତ ମାୟାଧର ସିଂଙ୍କ ବାସଭବନରେ ।

୧୯୭୧ ମସିହାରେ ଦିବ୍ୟ ଜନନୀ ଶ୍ରୀମା'ଙ୍କର ଉପରୋକ୍ତ ସ୍ୱତନ୍ତ୍ର ଶାଶ୍ୱତ ବାର୍ତ୍ତା ଏହି ପାଠଚକ୍ରକୁ ଦିବ୍ୟ ପ୍ରେରଣା, ନବ ଉଦ୍ଦୀପନା ଓ ଅଫୁରନ୍ତ ଉତ୍ସାହ ପ୍ରଦାନ କରେ । ଏଥିରେ ଭରି ରହିଥିଲା ରାୟଗଡା ଲାଗି ଏକ ମହାନ ଦିବ୍ୟ ସମ୍ଭାବନାର ବୀଜ ମନ୍ତ୍ର ।

କ୍ରମେ ଏହି ପୁଣ୍ୟ ପୀଠଟି ଚମ୍ପକଲାଲ୍, ଅଧ୍ୟାପକ ଛୋଟେ ନାରାୟଣ ଶର୍ମା, ପ୍ରପତ୍ତିଜୀ, ଅଧ୍ୟାପକ ମନୋଜ ଦାସ ଆଦି ଅନେକ ବରେଣ୍ୟ ମାତୃ ସାଧକଙ୍କ ପଦସ୍ପର୍ଶ ଲାଭ କରି ଧନ୍ୟ ହେଲା । ତା ୩.୧୨.୧୯୭୧ ରେ ପ୍ରପତ୍ତିଜୀଙ୍କ ଦ୍ୱାରା ସ୍ଥାପିତ ଭିତ୍ତିପ୍ରସ୍ତର ଏହି ପୀଠକୁ ଏକ ପୂର୍ଣ୍ଣାଙ୍ଗ ସାଧନା କେନ୍ଦ୍ରରେ ପରିଣତ କଲା । ଏ ଦିଗରେ ଶ୍ରୀଯୁକ୍ତ ତ୍ରିନାଥ ଦାଶଙ୍କର ଅବଦାନ ସ୍ମରଣୀୟ । ଏହି ସାଧନା କେନ୍ଦ୍ରପାଇଁ ୬ ସେଣ୍ଟ ପରିମିତ ଜାଗା ପ୍ରଥମେ ସେ ପ୍ରଦାନ କରିଥିଲେ । ଇନ୍ଦ୍ରମଣି ଭାଇ, ଲକ୍ଷ୍ମିନାରାୟଣ ସାହୁ ତଥା ଅନେକ ମାତୃପ୍ରେମୀଙ୍କ ଅଦମ୍ୟ ଉଦ୍ୟମ ଓ ଉତ୍ସାହରେ ବିଧିବଦ୍ଧଭାବେ ରାୟଗଡାର ଶ୍ରୀଅରବିନ୍ଦ ନଗରରେ ଶ୍ରୀଅରବିନ୍ଦ ସୋସାଇଟି ସେଣ୍ଟର ଗଠନ କରାଗଲା । ସହରର କେନ୍ଦ୍ରସ୍ଥଳ ଓ ଉପଜିଲ୍ଲାପାଳକଙ୍କ କାର୍ଯ୍ୟାଳୟର ସନ୍ନିକଟସ୍ଥ ଉକ୍ତ ସାଧନା କେନ୍ଦ୍ରଟି ପରେ ପୂଜ୍ୟ ଚମ୍ପକଲାଲ୍‌ଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା । ୧୯୮୦ ମସିହାଠାରୁ ଶ୍ରୀ ନୀଳକଣ୍ଠ ଦାସ ଏହି ଅନୁଷ୍ଠାନର ସଭାପତିତ୍ୱ କାର୍ଯ୍ୟ ଅଦ୍ୟାବଧି ତୁଲାଇ ଆସୁଛନ୍ତି ।

୧୯୮୪ ମସିହାରେ ଏହି ପୁଣ୍ୟ ପୀଠ ଉପରେ ମୁଣ୍ଡ ଟେକି ଉଠିଲା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଲାଇବ୍ରେରୀ, ବିକ୍ରୟ କେନ୍ଦ୍ର ଇତ୍ୟାଦି । ବିଶାଳ ନାଗଚମ୍ପା ବୃକ୍ଷ ଦୁଇଟି ଏହି କେନ୍ଦ୍ରର ଶୋଭାକୁ ଅନନ୍ତ ଗୁଣରେ ପରିବର୍ଦ୍ଧିତ କଲା ଏବଂ ଚେତନା ପ୍ରଗତିର ମୂକସାକ୍ଷୀ ହୋଇ ରହିଲା ଯୁଗଯୁଗ ପାଇଁ ।

ଶ୍ରୀଅରବିନ୍ଦଙ୍କ ଚିନ୍ତା ଓ ଚେତନାର ପ୍ରସାର ଓ ବ୍ୟାପ୍ତି ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ । ବିଭିନ୍ନ ସମୟରେ ଛାତ୍ର ସମ୍ମିଳନୀ, ଶିକ୍ଷକ ସମ୍ମିଳନୀ, ଜାତୀୟ ସଂହତି ଶିବିର (National Integration Camp) ମାନ ଅନୁଷ୍ଠିତ ହୋଇ ଏହି କେନ୍ଦ୍ରର କାର୍ଯ୍ୟକାରିତାକୁ ବୃଦ୍ଧି କରିଛି । ବ୍ୟାପ୍ତି, ବିସ୍ତୃତି ଏବଂ ଉଚ୍ଚତା ଦିବ୍ୟ ଜନନୀଙ୍କର କାର୍ଯ୍ୟର ଅନ୍ୟତମ ବିଭାବ । କ୍ରମଶଃ

ଏହି Society Centreର କାର୍ଯ୍ୟକାରିତାର ବୃଦ୍ଧି ସହିତ ଏହାର ସ୍ଥାନାଭାବକୁ ଦୃଷ୍ଟିରେ ରଖି ଗଢ଼ି ଉଠିଲା ଆଉ ଏକ ପୂଣ୍ୟ ପୀଠ "ମାତୃ ବିହାର" । ଏହି ପବିତ୍ର ସ୍ଥାନଟି ମୁଖ୍ୟ ସାଧନା କେନ୍ଦ୍ରର ଏକ ବଳିଷ୍ଠ ଶାଖା । ଏହାର ଅବସ୍ଥିତି ରାୟଗଡାର ଶ୍ରୀଅରବିନ୍ଦ ଭବନ ଠାରୁ ୩ କି.ମି. ଦୂରରେ ଏବଂ ରାୟଗଡା ରେଳ ଷ୍ଟେସନ୍‌ଠାରୁ ୨ କି.ମି. ଦୂରରେ । ଏହି ସ୍ଥାନର ୫୦୦ କି.ମି. ଦୂରରେ ଇଞ୍ଜିନିୟରିଂ କଲେଜଟି ଅବସ୍ଥିତ । ଏହି ସ୍ଥାନଟି ରାୟଗଡା ମ୍ୟୁନିସ୍‌ପାଲଟିର ୨୧ ନଂ ୱାର୍ଡରେ । ଏହାର ପଶ୍ଚିମରେ ରହିଛି ୨୦୦ ପରିବାର ଓ ପ୍ରାୟ ୧୦୦୦ ଜନସଂଖ୍ୟାକୁ ନେଇ ବାରିଝୋଲା ଗ୍ରାମ । ୪ ଏକର ୬୦ ସେଣ୍ଟ୍ ବିଶିଷ୍ଟ ଏହି ପବିତ୍ର ସ୍ଥାନଟି "ମାତୃ ବିହାର"ର ନାମକୁ ଯଥାର୍ଥ ଭାବେ ପ୍ରତିପାଦିତ ଏବଂ ପ୍ରତିଫଳିତ କରିଛି ।

ଏହି ଦିବ୍ୟପୀଠର ପ୍ରାଚୀର କଡେକଡେ ଶିଶୁ ଓ ସାଗୁଆନ୍ ଗଛର ସବୁଜିମା, ଉତ୍ତରପାର୍ଶ୍ୱରେ ସନ୍ୟାସୀ ଭଳି ଦଣ୍ଡାୟମାନ ସେହି ନୀଳପାହାଡର ଆକର୍ଷଣୀୟ ସୌନ୍ଦର୍ଯ୍ୟ, ବିଭିନ୍ନ ଫୁଲଫଳର ସୁବାସିତ ମହକ ଏହାକୁ ଏକ ଆଧ୍ୟାତ୍ମିକ ପୀଠରେ ପରିଣତ କରିଛି । ଏହି ମନ ମୁଗ୍ଧକାରୀ ପ୍ରାକୃତିକ ପରିବେଶର କେନ୍ଦ୍ରସ୍ଥଳରେ ନିର୍ମିତ ହୋଇଛି ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କର ପବିତ୍ର ଦେହାଂଶ ପ୍ରତିଷ୍ଠା ପାଇଁ ଶାଶ୍ୱତପୀଠ । ଶ୍ରୀଅରବିନ୍ଦଙ୍କ ପ୍ରତୀକ ଉପରେ ପଡିଛି ଛାତ, ଏହାର କେନ୍ଦ୍ରରେ ଶ୍ରୀମାଙ୍କ ପ୍ରତୀକ ମଧ୍ୟ ପ୍ରତିଫଳିତ ହୋଇଛି । ପ୍ରାଚୀର ବିହୀନ ଏକ ମୁକ୍ତ, ଉନ୍ମୁକ୍ତ ବେଦୀକା, ସମାଧିପୀଠର ଚାରିପାଖରେ ସତେ ଯେପରି ନବ ଚେତନାର ବିସ୍ତୃତି ଓ ଉନ୍ମୋଚନର ପ୍ରତୀକ ହୋଇ ରହିଛି । ଏଠି ମଧ୍ୟ ଗଢ଼ି ଉଠିଛି ଏକ ଆବାସିକ ବିଦ୍ୟାଳୟ । ଦୁଇ ମହଲା ବିଶିଷ୍ଟ ଏକ ଅଟ୍ଟାଳିକା ପ୍ରସ୍ତାବିତ ସମାଧିପୀଠର ଆଗରେ ଦଣ୍ଡାୟମାନ । ଏଥିରେ ବର୍ତ୍ତମାନ ଚାଲିଛି ନର୍ସରୀଠାରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ । ମା'ଙ୍କ କୋଠରୀ ଉପର ମହଲାରେ ଅବସ୍ଥିତ । ୫ ଜଣ ଭାଇ ଓ ୨ ଜଣ ଅପା, ୨୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରଦାନରେ ରତ । ସ୍ନାନାଗାର, ରହିବା ପାଇଁ ଘର, ତଥା ବିଦ୍ୟୁତ ସଂଯୁକ୍ତ ହୋଇ ଏହି ପବିତ୍ର ସ୍ଥାନଟି ସ୍ୱୟଂ ସମ୍ପୂର୍ଣ୍ଣ ହେବାକୁ ଯାଉଛି । ଏହାରେ ଗୋଟିଏ ଗୋଶାଳା, ଦୁଇଟି ଗାଈକୁ ନେଇ ଆରମ୍ଭ ହୋଇଛି ।

ଏଠାରେ ୧୯୯୯ ମସିହାରେ ଏକ ରାଜ୍ୟସ୍ତରୀୟ ଶିଶୁ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ୨୦୦୨ ମସିହା ଫେବୃୟାରୀ ମାସ ୫ ତାରିଖରେ ଗୁଣୁପୁରଠାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାବଶେଷ ପ୍ରତିଷ୍ଠା ହେବାକୁ ଯିବା ବାଟରେ ପ୍ରଭୁଙ୍କ ଦେହାବଶେଷ ଶ୍ରୀକ୍ଷେତ୍ରର ଏବଂ ମାତୃବିହାର ପୀଠକୁ ସ୍ପର୍ଶ କରି ମହିମାନ୍ୱିତ କରିଛି ।

ଏହି ପୀଠର ପ୍ରଗତି ପଛରେ ରହିଛି ଦିବ୍ୟଜନନୀଙ୍କର ଅହେତୁକ କୃପା - ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ପାଠଚକ୍ରର ଅପା, ଭାଇମାନଙ୍କର ଅକୁଣ୍ଠ ସହଯୋଗ । ଏବଂ ଅନେକ ସାଧକ ଓ ସାଧିକାଙ୍କର ଉତ୍ସର୍ଗୀକୃତ କର୍ମ ଅବିସ୍ମରଣୀୟ ।

ଏହି ପୀଠର ଅନତି ଦୂରରେ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ର "ଶ୍ରୀକ୍ଷେତ୍ର" ଠାରେ ମନୋଜ ଭାଇ ସମେତ ଅନେକ ମାତୃପ୍ରେମୀଙ୍କ ଉଦ୍ୟମରେ ମୁଣ୍ଡ ଟେକି ଉଠିଛି । ପ୍ରକାଶ ଭାଇ ଓ ଅନ୍ୟାନ୍ୟ ମାତୃପ୍ରେମୀମାନଙ୍କ ଅନନ୍ୟ ନିଷ୍ଠା ବଳରେ ୨୦୦୨ ମସିହା ଫେବୃୟାର ୬ ତାରିଖ ଦିନ ପ୍ରଭୁଙ୍କର ପବିତ୍ର ଦେହାବଶେଷ ଗୁଣୁପୁର କେନ୍ଦ୍ରଠାରେ ପ୍ରତିଷ୍ଠା ହୋଇଅଛି ।

ରାୟଗଡା, ଗୁଣୁପୁର, ଶ୍ରୀକ୍ଷେତ୍ର ବ୍ୟତୀତ ଜେ.କେ.ପୁର, ରାମନାଗୁଡା, କୋଲନରା, କେ.ସିଙ୍ଗପୁର ତଥା କାଶୀପୁରଠାରେ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ର ଗଢ଼ି ଉଠିଛି ।

୨୦୦୩ ମସିହା ଡିସେମ୍ବର ମାସ ୨୧ ତାରିଖ ରବିବାର ଦିନଟି ରାୟଗଡା ପାଇଁ ଏକ ଆଧ୍ୟାତ୍ମିକ ନବଜନ୍ମର ଦିବସ । ମାତୃବିହାରଠାରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାବଶେଷ ପ୍ରତିଷ୍ଠା ହେବାର ଶୁଭ ଅବସରରେ ସମସ୍ତ ମାତୃପ୍ରେମୀ ଅପା ଭାଇମାନଙ୍କୁ କୃତଜ୍ଞତା ଜଣାଇ ଏହି ସମଗ୍ର ଦିବ୍ୟକର୍ମଧାରାକୁ ଦିବ୍ୟଜନନୀଙ୍କ ଚରଣ କମଳ ତଳେ ଅର୍ପଣ କରୁଛୁ ।

ଦିବ୍ୟଜନନୀଙ୍କ କୃପା ଓ ଆଶିଷ ଆମ୍ଭମାନଙ୍କ ଚଲାପଥରେ ସହାୟକ ହୋଇ ରହୁ । ❒❒❒

*ଅନୁଷ୍ଠାନଗୁଡ଼ିକର ବିବରଣୀ...*

# ନବଶକ୍ତି

## କୁମ୍ଭାରମୁଣ୍ଡାକଟା, ମୟୂରଭଞ୍ଜ

ଉତ୍ତର ଓଡ଼ିଶାରେ ଛୋଟ ବଡ ବଣ ପାହାଡ ଓ ପ୍ରାକୃତିକ ସମ୍ଭାରରେ ପୂର୍ଣ୍ଣ ମୟୂରଭଞ୍ଜ ଅଧୁନାତନ ବୃହତ୍ତମ ଜିଲ୍ଲା । ଏହି ଜିଲ୍ଲା ଅନ୍ତର୍ଗତ ୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱସ୍ଥ 'କୁମ୍ଭାର ମୁଣ୍ଡା କଟା' ଏକ ଗ୍ରାମ । ଉକ୍ତ ଗ୍ରାମ ତଥା ସୀମାନ୍ତ ଅଞ୍ଚଳ ପ୍ରତି ପରମ କରୁଣାମୟୀ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଅପାର କରୁଣା ପ୍ରତୀୟମାନ ହୋଇଛି । ଅତି ନିକଟରେ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ସହ ଦେହାଂଶ ମନ୍ଦିରର ପୂର୍ଣ୍ଣତା ଅଞ୍ଚଳବାସୀଙ୍କ ମନ, ପ୍ରାଣ, ହୃଦୟରେ ଆବେଗ ସୃଷ୍ଟି କରିଛି । ଏ ସବୁର ସଫଳତା ତଥା ଆଶିଷ ପ୍ରାପ୍ତ ନିମ୍ନ ସଂକ୍ଷିପ୍ତ କିମ୍ବଦନ୍ତୀ ଉଲ୍ଲେଖନୀୟ ।

ବିଗତ ୧୯୭୧ ମସିହାରେ ମାତୃପ୍ରେମୀ ଓ ଭକ୍ତ ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଉକ୍ତ ଗ୍ରାମକୁ ଆସି ସ୍ଥାୟୀ ରୂପେ ନିବାସ ନିମିତ୍ତ ଆଗ୍ରହୀ ହୋଇଥିଲେ । ଚିକିତ୍ସା ଓ ଲୋକ ସମ୍ପର୍କକୁ ନେଇ ପ୍ରତ୍ୟହ ନବ ପ୍ରକାଶ, ନବଜ୍ୟୋତି, ଶ୍ରୀଅରବିନ୍ଦ ଲୋକ ସାହିତ୍ୟ ଆଦି ଅଧ୍ୟୟନ ଓ ଆଲୋଚନାରୁ 'ପାଠଚକ୍ର'ର ରୂପ ନେଲା ୧୯୭୪ ସେପ୍ଟେମ୍ବର ୪ ତାରିଖରୁ । ଦୀର୍ଘ ୩/୪ ବର୍ଷ ମଧ୍ୟରେ 'ପାଠଚକ୍ର' ସଭ୍ୟମାନଙ୍କ ମନ ଓ ହୃଦୟରେ ଶ୍ରୀମା'ଙ୍କ କାର୍ଯ୍ୟରେ ସାମିଲ ନିମିତ୍ତ ପ୍ରବଳ ଆଗ୍ରହ ଓ ଉଦ୍ଦୀପନା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏକ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ ଓ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ମନ୍ଦିର ନିର୍ମାଣ ନିମିତ୍ତ ପ୍ରେରଣା ଆସିଲା । ୧୯୭୬ ମସିହାରେ ବେତନଟୀଠାରେ ଅନୁଷ୍ଠିତ ହୋଇଥିବା 'ଶ୍ରୀଅରବିନ୍ଦ ଛାତ୍ର ଶିବିର' ସମ୍ମିଳନୀରେ ପ୍ରପତ୍ତିଜୀଙ୍କୁ ସାକ୍ଷାତ କରି ଆମ ଭିତରେ ଦେଖା ଦେଇଥିବା ଉତ୍ସୁକତା ଓ ପ୍ରେରଣା ପ୍ରକାଶ କଲୁ ଓ ତାଙ୍କର ଅନୁମତି ଭିକ୍ଷା କଲୁ । ଏହା ଜାଣି ପ୍ରପତ୍ତିଜୀ ଅତ୍ୟନ୍ତ ଆବେଗର ସହିତ ଉକ୍ତ ପାଠଚକ୍ରକୁ 'ନବଶକ୍ତି' ନାମରେ ନାମିତ କଲେ "ଏଠାରେ ଯାହା କିଛି ହେବ, ତାହା ନୂତନ ଧରଣର ହିଁ ହେବ" ବୋଲି ସତଃ ପ୍ରକାଶ କରିଥିଲେ ।

ଅତ୍ୟନ୍ତ ଉତ୍କଣ୍ଠାର ସହିତ ପବିତ୍ର ଶିକ୍ଷାନୁଷ୍ଠାନ ନିମିତ୍ତ ଉପଯୁକ୍ତ ସ୍ଥାନ ଖୋଜା ଚାଲିଲା । ଦୁଇ ତିନୋଟି ସ୍ଥାନ ଚେଷ୍ଟା କଲେ ହେଁ ମିଳି ପାରି ନ ଥିଲା । ମାତ୍ର ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା ଦିନେ ସନ୍ଧ୍ୟାବେଳେ ରାଜପଥ ଦେଇ ଫେରିବା ସମୟରେ ଭଗବାନଙ୍କ ଦ୍ୱାରା ପୂର୍ବ ନିର୍ବାଚିତ ସ୍ଥାନ (ବର୍ତ୍ତମାନ ସ୍ଥାପିତ ଶିକ୍ଷାକେନ୍ଦ୍ର ସ୍ଥଳ)ରୁ ଆଶ୍ରମ ଧୂପର ମଧୁର ଗନ୍ଧ ଭାସି ଆସିଲା । ଉକ୍ତ ସ୍ଥାନଟି ସମ୍ପୂର୍ଣ୍ଣ ନିର୍ଜନ ଓ ନିଛାଟିଆ ହେଲେ ହେଁ ଧୂପର ମଧୁର ଗନ୍ଧ ହିଁ ଉକ୍ତ ସ୍ଥାନର ପ୍ରାପ୍ତିର ସୂଚନା ଦେଇଥିଲା । ସମସ୍ତ ସଭ୍ୟ ଧ୍ୟାନ ଓ ପ୍ରାର୍ଥନା ସହ ଉକ୍ତ ସ୍ଥାନଟି ପ୍ରାପ୍ତି ନିମିତ୍ତ ଆଶା ରଖି ସଭ୍ୟ ଶ୍ରୀ ଗୋପାଳ ଚନ୍ଦ୍ର ପ୍ରଧାନଙ୍କୁ ଉକ୍ତ ସ୍ଥାନ ନିମିତ୍ତ ସତ୍ତ୍ୱାଧିକାରୀଙ୍କ ସହ ସମସ୍ତ ଯୋଗାଯୋଗ ଦାୟିତ୍ୱ ଦିଆଗଲା । ପୁନଃ ଆବେଗର ପ୍ରକାଶ କରାଯାଇପାରେ ଯେ, 'ଉକ୍ତ ଦିନ ହିଁ ରାତ୍ରୀରେ ଜମିର ସତ୍ତ୍ୱାଧିକାରୀଙ୍କୁ କେହି ଜଣେ ଆସି ତାଙ୍କ କାର୍ଯ୍ୟ ପାଇଁ ଉକ୍ତ ଜମି ମାଗିବା ଓ ଉଦ୍‌ବିଗ୍ନର ସହିତ ରାତ୍ରୀରେ ସେ ଖୋଜି ବୁଲିବା ଘଟଣା ସ୍ୱପ୍ନ ଭଳି ହେଲେ ହେଁ ବାସ୍ତବ ପରି ମନେ ହେଲା ଓ ସକାଳେ ପ୍ରଧାନ ଭାଇ ଯାଇ ପ୍ରସ୍ତାବ ବାଢ଼ିଲା ମାତ୍ରେ ସେ ସ୍ୱତଃ ପ୍ରବୃତ୍ତ ହୋଇ ଉକ୍ତ ଜମି ଦେବାର ସ୍ୱୀକୃତି ପ୍ରଦାନ କରିଥିଲେ' ।

ଜମିର ରେଜିଷ୍ଟ୍ରିକରଣ ପରେ ପରେ ହଠାତ୍ ପ୍ରପତ୍ତିଜୀଙ୍କ ନିକଟରୁ ଆଶ୍ରମର ମା'ଙ୍କ ସିଂହ ଚମ୍ପକଲାଲଜୀଙ୍କ ବାରିପଦା ଆଗମନ କଥା ଖଇରୀ ବାଘ ଦର୍ଶନ ନିମିତ୍ତ ଶିମିଳିପାଳ ଗସ୍ତ ବିଷୟକ ଏକ ପତ୍ର ଆସିଲା । କଳା ବାଡିଆଠାରେ ଅଟକାଇ ତାଙ୍କୁ ସାକ୍ଷାତ ସହ ଆମ ପ୍ରସ୍ତାବିତ ଶିକ୍ଷାକେନ୍ଦ୍ର ସ୍ଥଳ ପରିଦର୍ଶନ ନିମିତ୍ତ ଅନୁରୋଧ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ଯାତ୍ରା କାଳରେ କଳା ବାଡିଆଠାରେ ଅଟକାଇଲୁ ଓ ଉକ୍ତ ସ୍ଥଳ ପରିଦର୍ଶନ ନିମିତ୍ତ ସେ ସମ୍ମତି ସହ ଅତ୍ୟନ୍ତ

ଆନନ୍ଦର ସହିତ  ସମ୍ମତି ପ୍ରଦାନ କଲେ ଏବଂ ସେ ନିଜେ ୧୯୭୯ ମାର୍ଚ୍ଚ ମାସ ୬ ତାରିଖରେ ଉକ୍ତ 'ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ'ର ଶୁଭ ଦେଲେ। ତା' ପରଠାରୁ ମା'ଙ୍କ କାର୍ଯ୍ୟ ଅର୍ଥାତ୍ ଶିକ୍ଷାକେନ୍ଦ୍ର ନିମିତ୍ତ ଗୃହ କାର୍ଯ୍ୟ ଆରମ୍ଭ ହେଲା। ସମୟାନୁକ୍ରମେ ପ୍ରପତ୍ତିଜୀ, ଛୋଟେ ନାରାୟଣ ଶର୍ମାଜୀ ପ୍ରଭୃତି ଆସି ପରିବେଶକୁ ଅନୁକୂଳ କରିଥିଲେ। ବିଶେଷତଃ ପ୍ରପତ୍ତିଜୀ, କୁମ୍ଭାର ମୁଣ୍ଡା କଟା ଏକ ନିପଟ ମଫସଲ ଗ୍ରାମ ହେଲେ ହେଁ ଅନ୍ତରରେ ଖୁବ୍ ଭଲ ପାଉଥିଲେ। ଏପରି କି ସହରାଞ୍ଚଳର ସମସ୍ତ ସୁଖ ସୁବିଧା ଆଦିକୁ ଛାଡି ଉକ୍ତ ମଫସଲ ଅଞ୍ଚଳରେ ରହିବା ଓ ଗାଉଁଲି ଦହି, ମୁଢ଼ି, ଚୂଡା ନଡିଆ ଖାଇବାକୁ ପସନ୍ଦ କରୁଥିଲେ।

ପ୍ରପତ୍ତିଜିଙ୍କ ଆସ୍ପୃହାର ଫଳ ସ୍ୱରୂପ ୧୯୮୦ ମସିହା ଜୁଲାଇ ୧୭ ତାରିଖରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟି ଆରମ୍ଭ ହେଲା।

ଏହା ପରେ ସମସ୍ତେ ପବିତ୍ର ଦେହାଂଶ ମନ୍ଦିର ସ୍ଥାପନ ନିମିତ୍ତ ଆଗ୍ରହ ପ୍ରକାଶ କଲେ। ପାଠଚକ୍ରର ସକ୍ରିୟ ସଭ୍ର ରାମହରି ପଲେଇ ଓ ବୟୋଜ୍ୟେଷ୍ଠ ଅନାଦି ଦ୍ୱାରୀ ମୁଖ୍ୟତଃ ଉକ୍ତ ମନ୍ଦିର ପ୍ରତିଷ୍ଠା ନିମିତ୍ତ ସହାୟତା ପ୍ରଦାନ ପୂର୍ବକ ଉତ୍କଣ୍ଠା ପ୍ରକାଶ କରିଥିଲେ। ସତକୁ ସତ ୧୯୮୧ ମସିହା ନଭେମ୍ବର ମାସ ୨୭ ତାରିଖ 'ମହାକାଳୀ'ଙ୍କ ପବିତ୍ର ପୂଜୋତ୍ସବ ଦିନ ହିଁ ପ୍ରପତ୍ତିଜୀ ଉକ୍ତ ଦେହାଂଶ ମନ୍ଦିରର ଶୁଭ ଦେଇଥିଲେ ଓ ଭାବାବେଗ ସହ "ଗୋଟିଏ ଯୁଗ ପରେ ଏହାର କାମ ଆରମ୍ଭ ହେବ" ବୋଲି ହଠାତ୍ କହି ପକାଇଥିଲେ।

୧୯୮୨ ମସିହା ଜାନୁୟାରୀ ମାସ ୩୦ ତାରିଖରେ ଚମ୍ପକଲାଲଜୀ ଉକ୍ତ ଅନୁଷ୍ଠାନରେ ଆସି ପାଦ ଦେଇଥିଲେ ଓ ଅନୁଷ୍ଠାନର ପିଲାମାନଙ୍କୁ 'Toffee' ବାଣ୍ଟିଥିଲେ।

ପ୍ରତ୍ୟେକ ଅସୁବିଧା ସମୟରେ ବାବାଜୀ ମହାରାଜ ପରାମର୍ଶ ଦିଅନ୍ତି" ମା'ଙ୍କ ଶକ୍ତି ଉପରେ ଆସ୍ଥା ଓ ଦୃଢ଼ ବିଶ୍ୱାସ ରଖି କାର୍ଯ୍ୟରେ ଆଗାଅ ଓ କ'ଣ ଘଟୁଛି ଧୈର୍ଯ୍ୟର ସହ ଦେଖ"। ଆମର ସୌଭାଗ୍ୟ ପୁଣି ୧୯୮୪ ମସିହା ଜାନୁୟାରୀ ମାସ ୩୦ ତାରିଖରେ ଚମ୍ପକଲାଲଜୀଙ୍କର ଆସିବା ଠିକ୍ ହେଲା।

ଉକ୍ତ ସମୟ ମଧ୍ୟରେ ଅନୁଷ୍ଠାନର ଜନୈକ ଛାତ୍ର ଶ୍ରୀମାନ୍ ଯାମିନୀ ସେନାପତି ଏକ ସୂକ୍ଷ୍ମ ଦର୍ଶନ ପାଇଥିଲେ। "ଏକ ବିରାଟକାୟ ସିଂହ ମନ୍ଦି ଆଡକୁ ମାଡି ଆସୁଛି। ଆକ୍ରମଣକାରୀ ଓ ଅନିଷ୍ଟକାରୀମାନେ ଭୟଭୀତ ହୋଇ ପଳାଇ ଯାଉଁ ଯାଉଁ ଗୋଟିଏ ବନ୍ଧରେ ବୁଡି ଯାଇ ଉବୁଟୁବୁ ହେଉଛନ୍ତି"।

ନିର୍ଦ୍ଧାରିତ ଦିନ ଚମ୍ପକଲାଲଜୀ ଆସିଛନ୍ତି ଓ ଦେହାଂଶ ମନ୍ଦିରକୁ ଯାଇ ଚାରିପାଖେ ବୁଲିଲେ ଓ ମନ ଖୋଲା ହସି ନାଚିଲେ। ତତ୍ ପରଠାରୁ ଧିରେ ଧିରେ ବାହ୍ୟ ବିରୋଧୀ ଶକ୍ତିର ଆକ୍ରମଣଭାବ ଶିଥିଳ ହୋଇ ଆସିଲା। କାର୍ଯ୍ୟ ଧିରେ ଧିରେ ଆଗଇେ ଚାଲିଲା। 'ସତ୍ୟର ଜୟ ସୁନିଶ୍ଚିତ' ଏହି ଧାରାନୁଯାୟୀ ଓ ପ୍ରପତ୍ତିଙ୍କ ଶେଷୋକ୍ତି ଭାବାବେଗ ପୂର୍ଣ୍ଣ କଥା ଅନୁଯାୟୀ ଗୋଟିଏ ଯୁଗ ବିତି ଯାଇଥିଲା। ମାତ୍ର ମାତୃ କୃପା ବଳରେ ଅଧୁନା ସେ ସବୁ ପ୍ରତିବନ୍ଧକ ଦୂରୀଭୂତ ହୋଇ ଦେହାଂଶ ମନ୍ଦିର ଗଠନ କାର୍ଯ୍ୟ ଦୁଇ ବର୍ଷ ତଳୁ ପୂର୍ଣ୍ଣାଙ୍ଗ ହୋଇ ପାରିଛି। ଏଥି ନିମିତ୍ତ 'ନବ ଶକ୍ତି ଟ୍ରଷ୍ଟ' ଗଠିତ ହୋଇଛି। ଏଠାରେ ଥିବା ମାତୃପ୍ରେମୀଙ୍କ ଉତ୍କଣ୍ଠା ଓ ଗଭୀର ଆସ୍ପୃହାର ଫଳ ସ୍ୱରୂପ ଶ୍ରୀଅରବିନ୍ଦଙ୍କୁ ପାଇବା ଓ ଉକ୍ତ ମନ୍ଦିରରେ ସ୍ଥାପିତ ହେବାର ଆଶା ଓ ଭରସା ସହ  ଅପେକ୍ଷା କରିଛି ସେହି ଦେବ ମୁହୂର୍ତ୍ତଟିକୁ।

---

ଶ୍ରୀଅରବିନ୍ଦ ତାଙ୍କର ସମଗ୍ର ଜୀବନ ଉତ୍ସର୍ଗ କରିଛନ୍ତି ଯାହା ଫଳରେ ଆମ୍ଭେମାନେ ଭଗବତ୍ ଚେତନା ମଧ୍ୟରେ ଜନ୍ମଲାଭ କରିପାରୁ।

- *ଶ୍ରୀମା*

---

# ଶ୍ରୀମା ଶ୍ରୀଅରବିନ୍ଦ ପାଠଚକ୍ର

## ବି. ମାଳିଗୁଡ଼ା, ନବରଙ୍ଗପୁର

୧୯୬୬ ମସିହାରେ ଶ୍ରୀ ରାଖାଲ ମୋହନ ଦାସ ନିଜ ବାସଭବନରେ ଏକ ଶ୍ରୀଅରବିନ୍ଦ ପାଠଚକ୍ରର ଶୁଭାରମ୍ଭ କରି ମା' ଓ ଶ୍ରୀଅରବିନ୍ଦଙ୍କ ଉପସ୍ଥିତିକୁ ଆହ୍ୱାନ କରିଥିଲେ । ଏହାପରେ ନବରଙ୍ଗପୁର ଜନସାଧାରଣଙ୍କ ମଧ୍ୟରେ ସ୍ୱର୍ଗତଃ ଗଣପତି ଷଡଙ୍ଗୀଙ୍କ ଦ୍ୱାରା ମା'ଶ୍ରୀଅରବିନ୍ଦଙ୍କ ବାଣୀର ପ୍ରସାର ଲାଭ କରିଥିଲା । ଶ୍ରୀ ପ୍ରଣୟ କୁମାର ନାୟକ ଓ ଆଉ କେତେକ ଉତ୍ସାହୀ ଭକ୍ତଙ୍କ ସହାୟତାରେ ଦୈନନ୍ଦିନ କାର୍ଯ୍ୟକ୍ରମ ହିସାବରେ ପାଠଚକ୍ର ସମ୍ମିଳନୀ ସଙ୍ଗଠିତ ହେବାକୁ ଲାଗିଲା । ସମର୍ପଣ ମଣ୍ଡଳର ଆବାହକ ଶ୍ରୀ ଲଳିତ ମୋହନ ପଟ୍ଟନାୟକଙ୍କ ସଙ୍ଗଠନ ମାଧ୍ୟମରେ ନବରଙ୍ଗପୁରଠାରେ ଏକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଢ଼ିଉଠିଛି । ଏହିଠାରେ ଆରମ୍ଭ ହୋଇଥିବା ଓଡ଼ିଶାର ପ୍ରଥମ ମହିଳା ପାଠଚକ୍ର ଆଜି ପ୍ରଭୂଙ୍କ ସ୍ଥୂଳ ଉପସ୍ଥିତିକୁ ଆବାହନ କରି ନେଇଆସିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ସୌଭାଗ୍ୟବାନ୍ ଶ୍ରୀ ଦାଶରଥି ମାଝି ମନ୍ଦିର ନିର୍ମାଣ ପାଇଁ ୧ଏକର ୩୫ଡିସ୍‌ମିଲ୍ ଜମି ଦାନ କଲେ । ଦୀର୍ଘ ଦିନର ସ୍ୱପ୍ନକୁ ସାକାର କରି ଇନ୍ଦ୍ରାବତୀ ନଦୀ କୂଳରେ, ନନ୍ଦାହାଣ୍ଡି ବ୍ଲକ୍‌ର ବି.ମାଳିଗୁଡ଼ାଠାରେ ଏକ ପ୍ରାକୃତିକ ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶରେ ସମାଧି ମନ୍ଦିରଟି ନିର୍ମିତ ହୋଇଛି । ପରମ ପ୍ରଭୂଙ୍କ ବାସ୍ତବ ଉପସ୍ଥିତିକୁ ଉତ୍କଣ୍ଠାର ସହ ଅପେକ୍ଷା କରି ଦିବ୍ୟ କର୍ମ ଆଗେଇ ଚାଲିଛି ।

❋❃❋

ଚରମ ନିଃସ୍ୱାର୍ଥପରତାର କାର୍ଯ୍ୟରୂପେ ଶ୍ରୀଅରବିନ୍ଦ ତାଙ୍କର ଶରୀରତ୍ୟାଗ କରିଛନ୍ତି । ଏହା ଦ୍ୱାରା ସେ ନିଜର ବ୍ୟକ୍ତିଗତ ଶରୀରରେ ଉପଲବ୍ଧିକୁ ପରିତ୍ୟାଗ କରି ସାମୂହିକ ଉପଲବ୍ଧିର ସମୟକୁ ତ୍ୱରାନ୍ୱିତ କରିଛନ୍ତି । ନିଶ୍ଚିତ ଭାବରେ ଏହା କୁହାଯାଇପାରିବ ଯେ ତାଙ୍କ ଆହ୍ୱାନର ଉତ୍ତର ଦେବା ନିମିତ୍ତ ପୃଥିବୀ ଯଦି ଅଧିକ ପ୍ରସ୍ତୁତ ହୋଇଥା'ନ୍ତା ଏହା (ଶ୍ରୀଅରବିନ୍ଦଙ୍କ ଶରୀରତ୍ୟାଗ) ଆବଶ୍ୟକ ହୋଇ ନଥାନ୍ତା ।

– *ଶ୍ରୀମା*

❋❃❋

*ଅନୁଷ୍ଠାନଗୁଡ଼ିକର ବିବରଣୀ...*

# ଶ୍ରୀଅରବିନ୍ଦ ଯୋଗାଳୟ

## କୋଟପାଡ, କୋରାପୁଟ

ଓଡିଶାରେ ମା'ଙ୍କର ଆହୁରି ଏକ ଦିବ୍ୟଭୂମି ଭାବରେ ପରିଚିତ କୋଟପାଡ ସହର। ଏହା ଓଡିଶାର ଦକ୍ଷିଣ - ପୂର୍ବ ସୀମାନ୍ତରେ ଅବସ୍ଥିତ। ଏହାର ଗୋଟିଏ ପ୍ରାନ୍ତରେ, ମାତ୍ର ୧୩ କି.ମି. ଦୂରରେ ଛତିଶଗଡ ରାଜ୍ୟର ଆରମ୍ଭ। କୋରାପୁଟଠାରୁ ମାତ୍ର ୭୦ କି.ମି. ଦୂରରେ ଏହି ସହରଟି କୋରାପୁଟ ଜିଲ୍ଲାର ଏକ ଶେଷ ବ୍ଲକ୍। ସମଗ୍ର ବ୍ଲକ୍‌ଟି ଏକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ଯାହା କି ଘନ ଜଙ୍ଗଲରେ ଭରା ଓ ପବିତ୍ର ନଦୀର କୁଳୁକୁଳୁ ନାଦରେ ନିନାଦିତ।

ଏହି ଅଞ୍ଚଳରେ ୧୯୫୫ ମସିହାରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ କୃପାରେଣୁ ପାଠଚକ୍ର ଜରିଆରେ ଆସି ପଡିଥିଲା। କୋରାପୁଟରୁ କେହି ଆସି କୋଟପାଡ ଗୋପବନ୍ଧୁ ପାଠାଗାରରେ ଏକ ଆଲୋଚନା ଚକ୍ର ପରିଚାଳନା କରିଥିଲେ। ସେତେବେଳର ପୁରୁଖା ପାଠଚକ୍ର ସଭ୍ୟମାନେ ହେଲେ ସ୍ୱର୍ଗତ ନିରଞ୍ଜନ ଶତ୍ରୁଶଲ୍ୟ, ସ୍ୱର୍ଗତ ଜଗନ୍ନାଥ ଖୁଣ୍ଟିଆ ଓ ସ୍ୱର୍ଗତ ଗୋପୀନାଥ ପାତ୍ର। ସେମାନେ ଆଜି କେହି ନାହାନ୍ତି, କିନ୍ତୁ ଯେଉଁ ମଞ୍ଜିଟି ସେମାନେ ପୋତି ଦେଇ ଯାଇଥିଲେ ତାହା ଆଜି ଏକ ବିଶାଳ ଦ୍ରୁମରେ ପରିଣତ ହୋଇଛି। ଶୁଣାଯାଏ ସେହି ପୁରୁଖା ପ୍ରଠଚକ୍ର ସଭ୍ୟମାନେ ୧୯୬୫ ମସିହା ଯାଏଁ ଦିବ୍ୟ ଜନନୀଙ୍କର ଏହି କାର୍ଯ୍ୟକୁ ଆଗେଇ ନେଇଥିଲେ।

ତା'ପରେ ୧୯୮୨ ମସିହା ଡିସେମ୍ବର ମାସରେ ଏକ ଉତ୍ସାହ ଆମକୁ ସ୍ପର୍ଶ କଲା। ଜୟପୁର ସଂଯୋଜକ ଶ୍ରୀ କୃଷ୍ଣଚନ୍ଦ୍ର ଘଡେଇଙ୍କ ପରାମର୍ଶରେ ପ୍ରଥମ କରି ବାର୍ଷିକ ସମ୍ମିଳନୀ ଶ୍ରୀ ରାମନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଚୈତନ୍ୟ ମନ୍ଦିରଠାରେ ଆୟୋଜନ କରାଯାଇଥିଲା। ଏହାପରେ ପ୍ରତିବର୍ଷ ଏହି ବାର୍ଷିକ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଆସୁଛି।

ଶେଷରେ ୧୯୯୬ ମସିହା ଅଗଷ୍ଟ ୧୫ ତାରିଖ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସରେ ସ୍କୁଲର ଉଦ୍‌ଘାଟନ କରିବାକୁ ସମସ୍ତେ ସଙ୍କଳ୍ପ ନେଲେ। ସ୍କୁଲ ଘରର ବନ୍ଦୋବସ୍ତ କରିବାକୁ ଯାଇ ଏନ୍.ଏ.ସି.ର ଅତିଥିଶାଳାରେ ଭଡା ସୂତ୍ରରେ ଏକ ଘର ମିଳିଲା। ଅଗଷ୍ଟ ୧୫ ତାରିଖ ଅପରାହ୍ନ ୩ଟା ସମୟରେ ସ୍କୁଲର ଉଦ୍‌ଘାଟନ ହୋଇଗଲା।

ତା'ପରେ ସ୍କୁଲ ନିମନ୍ତେ ନିଜସ୍ୱ ଜମି ଯୋଗାଡ କରିବାର ଚେଷ୍ଟା ଚାଲିଲା। ୧୯୯୭ ମସିହାରେ ତତ୍‌କାଳୀନ ତହସିଲଦାରଙ୍କ ସହାୟତାରେ ୨ ଏକର ଜମି ଆମକୁ ଚିହ୍ନଟ କରି ଦିଆଗଲା। ସେଠାରେ ଯୋଗାଳୟର ନିଜସ୍ୱ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା। ୧୯୯୮ ମସିହା ମାର୍ଚ୍ଚମାସରେ ସ୍କୁଲଯି ଏନ୍.ଏ.ସି.ର ଭଡା ଘରୁ ଉଠି ଏହି ନୂତନ ଭୂମିରେ ତା'ର ନିଜସ୍ୱ ଭୂମିରେ ପାଦ ଦେଲା। ସେହି ଥର ସ୍କୁଲର ବାର୍ଷିକ କାର୍ଯ୍ୟକ୍ରମରେ ତଥା ସ୍କୁଲ ଗୃହର ଉଦ୍‌ଘାଟନରେ ଅନାଦି ଭାଇ ଯୋଗ ଦେଇଥାନ୍ତି ଓ ସେହି ପରିବେଶକୁ ଆହୁରି ଦିବ୍ୟତର କରିବା ପାଇଁ ଆମକୁ ପ୍ରେରଣା ଦେଉଥାଆନ୍ତି।

ବର୍ଷର ଅନେକ ସମୟରେ ବିଭିନ୍ନ ସାଧକ ଭାଇମାନେ ଯୋଗାଳୟ ପରିସରକୁ ଆସି ମା'ଙ୍କ କାମ କିପରି ପ୍ରସାରତା ପାଇବ, ସେସବୁ ବିଭିନ୍ନ ପାଠଚକ୍ର ମାଧ୍ୟମରେ କହୁଥାନ୍ତି। ତେବେ ସେ ସମୟ ବି ମନେ ନାହିଁ, ସେ ମୁହୂର୍ତ୍ତ ବି ମନେ ନାହିଁ, କେତେବେଳେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପାଇଁ ଅଭୀପ୍ସାଟି ଜାଗ୍ରତ ହୋଇଗଲା। ହୁଏତ, କୋଟପାଡ ମାଟିରେ ମା'ଙ୍କ କାର୍ଯଧାରା ଆରମ୍ଭ ହୋଇଯାଇଥିଲା। ତେଣୁ, ତାଙ୍କ କରୁଣାରୁ ଶ୍ରୀଅରବିନ୍ଦଙ୍କ ଦେହାଂଶ ସ୍କୁଲ ପରିସର ମଧ୍ୟରେ ପ୍ରତିଷ୍ଠା କରିବା ପାଇଁ ସମସ୍ତ କର୍ମୀଙ୍କ ମଧ୍ୟରେ ଆଗ୍ରହଟିଏ ଉକୁଟି ଆସିଲା। ଇତି ମଧ୍ୟରେ ଯୋଗାଳୟର ସଭାପତି, ଶ୍ରୀ ପ୍ରକାଶ

ଚନ୍ଦ୍ର ରଥ, ସୁର୍ଲି ଗ୍ରାମରେ ଥିବା ତାଙ୍କ ଜମିରୁ ୧ ଏକର ଜମି ଯୋଗାଳୟ ନାମରେ ଅର୍ପଣ କରି ଦେଇଥାନ୍ତି। ଯୋଗାଳୟର ଏକ ଅଂଶ ଭାବରେ, ସୁର୍ଲିଠାରେ ଥିବା ଜମିର ଏକ ପ୍ରତିଛବି ଆଙ୍କିବା ପ୍ରାସଙ୍ଗିକ ହେବ। ସୁର୍ଲି କୋଟପାଡଠାରୁ ୧୦ କି.ମି. ଦକ୍ଷିଣକୁ ଅବସ୍ଥିତ ଏକ ନଇକୂଳିଆ ଗାଁ। ମା'ଙ୍କ ଆଶୀର୍ବାଦ ପୁଷ୍ପ ଏବଂ ପଣ୍ଡିଚେରୀ, ମହା ସମାଧିର ବାଲି ପକାଇ କିଛି କ୍ଷଣ ଧ୍ୟାନ ପରେ ପ୍ରଥମ କଂକ୍ରିଟ ପଡି ସ୍ତମ୍ଭଟିଏ ତିଆରି ହେଲା। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ଅଦ୍ୟାବଧି ସେହି ସ୍ଥଳରେ ଫୁଲ ଏବଂ ଧୂପ ଦେଇ ମା'ଙ୍କ ଶକ୍ତିକୁ ଆହ୍ୱାନ କରାଯାଉଅଛି।

ଶ୍ରୀଅରବିନ୍ଦଙ୍କ ଆଗମନୀକୁ ନେଇ ସୁନ୍ଦର ସୁନ୍ଦର କଳ୍ପନା ସବୁ ସ୍ପଷ୍ଟ ରୂପାୟିତ ହେଉଥିଲା। ମା'ଙ୍କ କରୁଣାର ସ୍ପର୍ଶରେ ଯାବତୀୟ ଅସୁବିଧା ଦୂରୀଭୂତ ହେଇଯାଉଥାଏ ଏବଂ ସମସ୍ତ ଅସୁବିଧା କର୍ମୀମାନଙ୍କ ମଧ୍ୟରେ ଏକ ଦୃଢ଼, ଏକ ନୂତନ ଆସ୍ପୃହାର ବହ୍ନି ଜାଳି ଦେଉଥାଏ।

ଶ୍ରୀଅରବିନ୍ଦଙ୍କ ସମାଧି ମନ୍ଦିରଟିକୁ ଏକ ଭବ୍ୟତାରେ ଭରି ଦେବାକୁ ସମସ୍ତେ ଆଗଭର ହେଉଥାଆନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ସମାଧି ମନ୍ଦିର କାମ ସମ୍ପୂର୍ଣ୍ଣ ହୋଇଯାଇଛି। ପ୍ରଭୁ ମଧ୍ୟ ତାଙ୍କ ଆଗମନୀ ସମ୍ବାଦ ଜଣାଇ ଦେଇଛନ୍ତି। କୋଟପାଡ ସହରବାସୀ କେବଳ ଚାତକ ପରି ଅନେଇ ରହିଛନ୍ତି, କେବେ ସେ ଡିସେମ୍ବର ମାସର ୨୦ ତାରିଖ ଆସିବ ! ଏକ ଅପେକ୍ଷମାଣ ଶାନ୍ତି ଯୋଗାଳୟର ପରିବେଶରେ ଆସ୍ଥାନ ଜମାଇ ବସିଛି। ସମଗ୍ର ଯୋଗାଳୟ ପରିବେଶ, ସମସ୍ତ ମାତୃକର୍ମୀ, ମାତୃପ୍ରେମୀ ଏବଂ ସର୍ବୋପରି କୋଟପାଡ ସହର ଆଜି ଅନେଇ ବସିଛି। ପ୍ରଭୁ ଆସିବେ, ତାଙ୍କରି ସ୍ପର୍ଶରେ ଆଧ୍ୟାତ୍ମିକତାର ଏକ ନୂତନ ତରଙ୍ଗ ସମସ୍ତଙ୍କ ଭିତରେ ପ୍ରବାହିତ ହେବ। ଧନ୍ୟ ହେବ ଏ ସହର, ଧନ୍ୟ ହେବେ ଏ ସହରବାସୀ।

---

ଶ୍ରୀଅରବିନ୍ଦ ଆମ୍ଭମାନଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ : କିପରି ପରମ ପ୍ରଭୁଙ୍କୁ ଆବିଷ୍କାର କରିବାକୁ ହୁଏ, ଏବଂ ତାଙ୍କର ସେବା କରିବାକୁ ହୁଏ।

ଏହି ଶତବାର୍ଷିକୀରେ ଯେପରି ଆମ୍ଭେମାନେ ତାଙ୍କର ଶିକ୍ଷାକୁ ଯଥାର୍ଥରେ ହୃଦୟଙ୍ଗମ କରିପାରୁ ଏବଂ ଅକପଟ ସରଳତା ସହ କାର୍ଯ୍ୟରେ ପରିଣତ କରିପାରୁ।

— *ଶ୍ରୀମା*

---

# ମାତୃଜ୍ୟୋତି

## ବେତନଟୀ, ମୟୁରଭଞ୍ଜ

"ଜୟତୁ ସଃ ଭଗବାନଃ ପୂର୍ଣ୍ଣ ଭାଗୋରବିନ୍ଦଃ
ଜୟତୁ ଧବଳଶୋଭା ଲୋକଧତ୍ରେ ମୀରାସ୍ୱାମ୍ବ।
ଜୟତୁ ଲସତୁ ଭୂମା ବେତୟୋ ପୂର୍ଣ୍ଣଯୋଗ
ଜୟତୁ ତଦନୁଗାମୀ ଭାଗ୍ୟବାନ ଭ୍ରାତୃବର୍ଗ।"

ମା' ଶ୍ରୀଅରବିନ୍ଦଙ୍କ କରୁଣା କେଉଁଠି ଝରିବ ପଡିବ, କେତେବେଳେ କାହାଉପରେ ବର୍ଷିବ ତାହା ମାନୁଷୀ କଳ୍ପନାତୀତ। ଅକସ୍ମାତ କରୁଣା ଝରିପଡିଲା ବେତନଟୀ ଭଳି ଛୋଟିଆ ସହରରେ। ତା'ର ଛିଟା ପଡିଲା ଏଠାରେ କେତେ ଜଣଙ୍କ ଉପରେ। ଶ୍ରଦ୍ଧାମୟୀ ମା'ଙ୍କର ଶ୍ରଦ୍ଧାସ୍ଫୁର୍ତ୍ତ ହୋଇ ଏକାଠି ହେଲେ ହାତ ଗଣତି କେଇ ଜଣ। ନେତୃତ୍ୱ ନେଲେ କରୁଣାମୟୀ ମା'ଙ୍କର ଯୋଗ୍ୟତମ ସନ୍ତାନ ୰ ଉପେନ୍ଦ୍ର ମହାନ୍ତି, ବିଦ୍ୟୁତ୍ ବିଭାଗର ଜଣେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ସେ।। ୧୯୬୯ ମସିହାରେ ଆମ୍ବଯୋଡାସ୍ଥିତ ହରେକୃଷ୍ଣ ପାତ୍ରଙ୍କ ଘରେ ପାଠଚକ୍ର ଚାଲିଥାଏ। ପରେ ଉପେନ୍ଦ୍ର ମହାନ୍ତିଙ୍କ ବସାରେ ପାଠଚକ୍ର ଆରମ୍ଭ ହେଲା। ନାମ ରହିଲା "ମାତୃଜ୍ୟୋତି ପାଠଚକ୍ର, ବେତନଟୀ"। କି ଆକର୍ଷଣ ସେ ! ୰ ପ୍ରପତ୍ତି କହନ୍ତି "ପାଠଚକ୍ର ଏକ ଯଜ୍ଞକୁଣ୍ଡ"। ପାଠଚକ୍ର ପ୍ରତି ଗୁରୁବାର ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ଚାଲେ। ମଧ୍ୟେ ମଧ୍ୟେ ୰ ପ୍ରପତ୍ତି, ପ୍ରଫେସର ଚିତ୍ତ ରଞ୍ଜନ ଦାସ, ମଧୁସୂଦନ ମିଶ୍ର, ଭଜକୃଷ୍ଣ ସାହୁ (ଭଜ ଭାଇ) ଆସୁଥିଲେ। ଆମକୁ ଶ୍ରୀଅରବିନ୍ଦଙ୍କ ଦର୍ଶନର ଅମୃତବାଣୀ ଶୁଣାଉଥିଲେ। ସମସ୍ତଙ୍କ ପ୍ରଚେଷ୍ଟାରେ ୧୯୭୫ ମସିହାରେ ସ୍ଥାନୀୟ ମହାରାଜ ଏମ୍.ପି.ସି. ଉଚ୍ଚ ବିଦ୍ୟାଳୟରେ ଏକ ତିନି ଦିନିଆ ଯୁବଛାତ୍ର ଶିକ୍ଷା ଶିବିର ଅନୁଷ୍ଠିତ ହୋଇ ପାରିଥିଲା। ବେତନଟୀରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସ୍ଥାପନର ଆଶା ସମସ୍ତଙ୍କ ମନରେ ଜାଗ୍ରତ ହେଲା। ଦିନକର କଥା। ମୟୁରଭଞ୍ଜର ବାରିପଦାସ୍ଥ (Women C.T.) ସ୍କୁଲରେ ଶ୍ରୀଅରବିନ୍ଦ ପାଠଚକର ଏକ ତିନିଦିନିଆ ସେମିନାର ଚାଲିଥାଏ। ପ୍ରପତ୍ତି ଏଥିରେ ସଦୟ ହୋଇ ଯୋଗଦାନ କରିଥାଆନ୍ତି। ସେମିନାର ଶେଷରେ ଉପେନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଜିତେନ୍ଦ୍ର ଭାଇ ଓ ଅନାଦି ଭାଇ ବେତନଟୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସ୍ଥାପନର ଅଙ୍କୁରିତ ଆଶା ପ୍ରପତ୍ତିଙ୍କ ସମ୍ମୁଖରେ ପ୍ରକାଶ କଲେ। ପ୍ରପତ୍ତି ହଠାତ୍ ରାଗି ଉଠିଲେ କହିଲେ, "ଶିକ୍ଷାକେନ୍ଦ୍ର ସ୍ଥାପନ କ'ଣ ତାମ୍‌ସା କେନ୍ଦ୍ର ସ୍ଥାପନ ବୋଲି ଭାବିଛ ? ଯେଉଁଠି ସେଇଠି ସ୍ଥାପି ପକାଇବ ?" ଏଥିପାଇଁ ବ୍ୟକ୍ତିଗତ ପ୍ରସ୍ତୁତି ଦରକାର। ତା'ପରେ କିଛି ସମୟ ନିରବରେ ରହି ଆଖି ବୁଜି କ'ଣ ଚିନ୍ତା କଲେ କେଜାଣି, କହିଲେ, ହଁ, ହଁ ଏଥିପାଇଁ ବେତନଟୀ ଉପଯୁକ୍ତ ସ୍ଥାନ। ହେଲେ ସେଥି ପାଇଁ ଜମି କାହିଁ ଘର କାହିଁ ?" ମହାନ୍ତି ଭାଇ ଅକୁଣ୍ଠ ଚିତ୍ତରେ କହି ପକାଇଲେ ମୁଁ ମୋ ନାମିତ ଘର ସହ ଜମି ଦାନ କରିବି। ତାହା ହିଁ ହେଲା। ୧୯୭୯ ମସିହା ଫେବୃୟାରୀ ୨୧ ତାରିଖରେ ଶିକ୍ଷାକେନ୍ଦ୍ର ଖୋଲିବାର ସ୍ଥିର ହେଲା। ଏଥି ପାଇଁ ଆଗରୁ ମାତୃ ଆଶୀର୍ବାଦ ଓ ବାବାଜୀ ମହାରାଜଙ୍କ ବାଣୀ ଲବ୍ଧ ହୋଇଥାଏ। ମା' ଶ୍ରୀଅରବିନ୍ଦଙ୍କ ଫଟୋ ସମ୍ମୁଖରେ ଆମେ ଜଣ ଜଣ କରି ଶିକ୍ଷାକେନ୍ଦ୍ର ପରିଚାଳନାରେ ଆଜୀବନ ସାହାଯ୍ୟ କରିବୁ ବୋଲି ଶପଥ ନେଲୁ। ପ୍ରପତ୍ତିଙ୍କ ସଭାପତିତ୍ୱରେ ପରିଚାଳନା କମିଟି ଗଠିତ ହେଲା।

ଉପେନ୍ଦ୍ର ମହାନ୍ତିଙ୍କ ଉତ୍ସର୍ଗୀକୃତ ଗୃହରେ ୪୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ୧୯୭୯ ମସିହା ଫେବୃୟାରୀ ୨୧ ତାରିଖରେ ଶିକ୍ଷାକେନ୍ଦ୍ର ଉନ୍ମୋଚିତ ହେଲା। ଅଧ୍ୟକ୍ଷ ରହିଲେ ଦିବାକର ଲେଙ୍କା। ସ୍ଥାନୀୟ ବିଶିଷ୍ଟ ବ୍ୟବସାୟୀ ଶ୍ରୀଯୁକ୍ତ ଗିରିରାଜ

ଖଣ୍ଡେଲୱାଲ୍ ମାସକୁ ଦୁଇ ଶହ ଟଙ୍କା ଦାନ କଲେ । ଦୁଇଟି ଶ୍ରେଣୀ କୋଠରୀ ପାଇଁ ଦୁଇଟି ବିଦ୍ୟୁତ୍ ଚାଳିତ ପଙ୍ଖା ମଧ୍ୟ ଦାନ କଲେ । ମଧ୍ୟେ ମଧ୍ୟେ ବାଧାବିଘ୍ନ ଆସୁଥାଏ । ମାତ୍ର ସବୁ ବାଧା ବାବାଜୀ ମହାରାଜଙ୍କ ପ୍ରଦତ୍ତ ମହାମନ୍ତ୍ର "ମା" ନାମ ଜପରେ ଅନ୍ତର୍ହିତ ହେଉଥାଏ । ପର୍ଯ୍ୟାୟକ୍ରମେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାକେନ୍ଦ୍ର ଖୋଲାଗଲା । ଏଥିପାଇଁ ଅଧିକ ଜମିର ଆବଶ୍ୟକତା ଦେଖାଦେଲା । ଯାହା ହେଉ ମା'ଙ୍କ ଅସୀମ କରୁଣା ଫଳରେ ଶିକ୍ଷାକେନ୍ଦ୍ର ପରିଚାଳକ ଗୋଷ୍ଠିଙ୍କ ଉଦ୍ୟମ ଓ ସ୍ଥାନୀୟ ବଦାନ୍ୟ ବ୍ୟକ୍ତିମାନଙ୍କଠାରୁ ଅର୍ଥ ସଂଗ୍ରହ କରି ବିଭିନ୍ନ ସମୟରେ ପର୍ଯ୍ୟାୟକ୍ରମେ ଜମି ମୋଟ ଏକ ଏକର ବତିଶ ଡିସିମିଲ୍ ଶିକ୍ଷାକେନ୍ଦ୍ର ନାମରେ ଖର୍ଦ୍ଦି କରାଗଲା । ବେତନଟୀର ସେ ସମୟର ବିଶିଷ୍ଟ ବ୍ୟବସାୟୀ ୰ ହୀରାଲାଲ୍ କ୍ଷେତ୍ରୁଆତ ଶ୍ରେଣୀଗୃହ ପାଇଁ ଦୁଇଟି ପକ୍କା କାନ୍ଥ ଥିବା ଏଜ୍‌ବେଷ୍ଟସ୍ ଛାଉଣୀ ଥିବା କୋଠରୀ ନିର୍ମାଣ କରିଦେବା ସହ ଛାତ୍ରଛାତ୍ରୀଙ୍କ ପାଣି ପିଇବା ସୁବିଧା ପାଇଁ କୂଅଟିଏ ଖୋଳି ଦେଲେ । ସ୍ଥାନୀୟ ବ୍ୟବସାୟୀ ବ୍ରିଜ୍ ମୋହନ ଖଣ୍ଡେଲ୍‌ୱାଲ୍ ତିନି ଗୋଟି ଶ୍ରେଣୀ କୋଠରୀର ପକ୍କା କାନ୍ଥ କରିଦେଲେ । ପରେ ଶିକ୍ଷାକେନ୍ଦ୍ର ନିଜସ୍ୱ ବ୍ୟୟରେ ଏହାର ଏଜ୍‌ବେଷ୍ଟସ୍ ଛାଉଣୀ କରାଗଲା । ପରେ ପରେ ସରକାରୀ ସହାୟତାରେ ଦୁଇ ମହଲା ବିଶିଷ୍ଟ ଦୁଇ ଗୋଟି କୋଠରୀ ନିର୍ମାଣ କାର୍ଯ୍ୟ ଶେଷ ପ୍ରାୟ ।

ତତ୍କାଳୀନ ଏମ୍.ଏଲ୍.ଏ. ଓ ବର୍ତ୍ତମାନର ରାଜ୍ୟସଭା ସଦସ୍ୟ ଶ୍ରୀଯୁକ୍ତ ବୀରଭଦ୍ର ସିଂ, ସ୍ଥାନୀୟ ବ୍ୟବସାୟୀ ଶ୍ରବଣ କୁମାର ଅଗ୍ରୱାଲ (ଶୁରୁ), ଅନେକ ବଦାନ୍ୟ ବ୍ୟକ୍ତିଙ୍କ ଅକୁଣ୍ଠ ସହାୟତାରେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାବଶେଷ ପ୍ରତିଷ୍ଠା ପାଇଁ ମନ୍ଦିର ନିର୍ମିତ ହୋଇସାରିଛି । ଏହି ମନ୍ଦିର ପ୍ରପତ୍ତି ଓ ବାବାଜୀ ମହାରାଜଙ୍କ ସମ୍ମତିକ୍ରମେ ନିର୍ମିତ ହୋଇଛି । ଏ ଶିକ୍ଷାକେନ୍ଦ୍ରର ମାଟିଧୂଳି ସ୍ୱର୍ଗତ ଚମ୍ପକଲାଲଙ୍କ ଦୁଇଦୁଇଥର ପଦ ସ୍ପର୍ଶରେ ପବିତ୍ର ହୋଇଛି ।  ଏବେ ଶିକ୍ଷାକେନ୍ଦ୍ର ଓ ମନ୍ଦିରର ସୁପରିଚାଳନା ପାଇଁ ଏକ ଟ୍ରଷ୍ଟ ଗଠିତ ହୋଇ ସାରିଛି ।

ଏ ଅଞ୍ଚଳର ସୌଭାଗ୍ୟର ବିଷୟ ଯେ ୧୦.୧୨.୦୩ ତାରିଖଟି ବହୁ ଆକାଂକ୍ଷିତ ପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାବଶେଷ ସ୍ଥାପିତ ହେବାକୁ ଦିନ ଧାର୍ଯ୍ୟ ହୋଇଛି । ଆଶା ପ୍ରଭୁଙ୍କର ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଶିକ୍ଷାକେନ୍ଦ୍ର ତଥା ଏ ଅଞ୍ଚଳର ଅଧିବାସୀମାନଙ୍କର ଆଧାତ୍ମିକ ଉନ୍ନତି ଘଟିବ । ସମସ୍ତଙ୍କ ମନ ଅଧିକରୁ ଅଧିକ ପବିତ୍ର ହେବ । ଏ ଅଞ୍ଚଳର ସାମାଜିକ ଓ ପାରିବାରିକ ଅସୁବିଧାମାନ ଧିରେ ଧିରେ ଦୂର ହେବ ।

ଶିକ୍ଷାକେନ୍ଦ୍ରରେ ପର୍ଯ୍ୟାୟକ୍ରମେ ଅଷ୍ଟମ, ନବମ, ଦଶମ ଶ୍ରେଣୀ ଖୋଲିବା ଓ ଛାତ୍ରାବାସ ଚଳାଇବା ଆମ୍ଭମାନଙ୍କର ଆଶା ଅଛି । ଏହି ଆଶା ସମ୍ପୂର୍ଣ୍ଣ ହେବା ପାଇଁ ମା' ଶ୍ରୀଅରବିନ୍ଦଙ୍କ ପଦାରବିନ୍ଦରେ ଆକୁଳ ପ୍ରାର୍ଥନା ଜଣାଇ ରହିଲି ।

*ବନ୍ଦେ ମାତରଂ*

---

ହେ ଭଗବାନ, ତୁମକୁ କିପରି ଆବିଷ୍କାର କରିବାକୁ ହେବ ଏବଂ ତୁମର ସେବା କରିବାକୁ ହେବ, ତାହାହିଁ ଆମ୍ଭମାନଙ୍କୁ କହିବାକୁ ଶ୍ରୀଅରବିନ୍ଦ ଏହି ଜଗତକୁ ଆସିଥିଲେ ।

ହେ ଭଗବାନ, ତୁମେ ଏହାହିଁ କର ଯେ ତାଙ୍କର ଏହି ଶତବାର୍ଷିକୀରେ ଆମ୍ଭେମାନେ ଯଥାର୍ଥଭାବେ ତାହା ବୁଝିପାରୁ ଏବଂ ଯାହା ସେ ଆମ୍ଭମାନଙ୍କୁ ଶିକ୍ଷା ଦେଇଛନ୍ତି, ସକଳ ଆନ୍ତରିକତା ସହ ତାହାକୁ ଅଭ୍ୟାସ କରିପାରୁ ।

**– ଶ୍ରୀମା**

---

*ଅନୁଷ୍ଠାନଗୁଡ଼ିକର ବିବରଣୀ...*

# ମାତୃତୀର୍ଥ

## ପାଇକକୁଶଡିହ, ଖୋର୍ଦ୍ଧା

ଆଜିକୁ ୩୧ ବର୍ଷ ତଳର କଥା। ୧୯୭୨ ମସିହା ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ଦେଶ ବିଦେଶରେ ପାଳିତ ହେଉଥାଏ। ମା' କହିଥାଆନ୍ତି ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀରେ ଏକ ବିଶେଷ ଶକ୍ତିର ଅବତରଣ ଘଟିଛି। ଏହାର ସୁଯୋଗ ନେବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥାଆନ୍ତି। ପାଇକକୁଶଡିହ ଗ୍ରାମର ବିଚିତ୍ରାନନ୍ଦ ପାଇକରାୟ ଗଞ୍ଜାମ ଜିଲ୍ଲା ଆସିକାରୁ ଶ୍ରୀଅରବିନ୍ଦଙ୍କ ଯୋଗ ଦର୍ଶନରେ ଅନୁପ୍ରାଣିତ ହୋଇ ଗ୍ରାମକୁ ଫେରିଥାଆନ୍ତି ଗ୍ରୀଷ୍ମାବକାଶରେ। ସାଙ୍ଗସାଥୀ ମେଳରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଚରିତ ସର୍ବଦା ବର୍ଣ୍ଣନା କରୁଥାନ୍ତି। ତାଙ୍କର ଏହି ହୃଦୟର ଉଦବେଳନ ବହୁଲୋକଙ୍କର ମନକୁ ସ୍ପର୍ଶ କରୁଥାଏ। ସମସ୍ତଙ୍କ ମନରେ ଆସିଲା ଏହି ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରଟିଏ ଗଠନ ହେଉ। ପାଠଚକ୍ର ଗଠନ ନିମନ୍ତେ ଶ୍ରୀମା'ଙ୍କ ବହୁ ଆକାଙ୍କ୍ଷିତ ଆଶୀର୍ବାଦ ପୁଷ୍ପ ଆସି ପହଞ୍ଚିଲା। ସେହି ବର୍ଷ ଜୁନ୍ ୩ ତାରିଖ ସାବିତ୍ରୀ ଅମାବାସ୍ୟା ତିଥିରେ ମନୋଜ୍ଞ ସନ୍ଧ୍ୟାର ଏକ ପରମ ଶୁଭ ମୁହୂର୍ତ୍ତରେ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରତିଷ୍ଠା ଲାଭ କଲା।

ଏହାପରେ ଆରମ୍ଭ ହେଲା ଏକ ନୂତନ ଚେତନାର ଜୟଯାତ୍ରା। ଜଟଣୀ ମାତୃଭବନର ସଭ୍ୟ ଧୂଳି ଘଢ଼େଇଙ୍କ ଉଦ୍ୟମରେ ୧୯୮୬ ମସିହା ଡିସେମ୍ବର ୧୯ ତାରିଖ ଗୁରୁବାର ସନ୍ଧ୍ୟାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଗଠନ ହେଲା। ଭଜ ଭାଇଙ୍କ ପ୍ରେରଣାରେ ୧୯୮୮ ମସିହା ସାବିତ୍ରୀ ଅମାବାସ୍ୟା ତିଥିରେ ଏଠାରେ ଶ୍ରୀଅରବିନ୍ଦ ଛାତ୍ର ସମାଜ ଗଠିତ ହେଲା। ୨୦୦୦ ମସିହା ସାବିତ୍ରୀ ଅମାବାସ୍ୟାରେ ଶ୍ରୀ ପ୍ରସାଦ ତ୍ରିପାଠୀଙ୍କ ଦ୍ୱାରା ଏଠାରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଉନ୍ମୋଚିତ ହେଲା ଏବଂ ଏହି ଅନୁଷ୍ଠାନ ଟ୍ରଷ୍ଟ ରେଜିଷ୍ଟ୍ରେସନ ନିୟମ ଅନୁସାରେ ରେଜିଷ୍ଟ୍ରିଭୁକ୍ତ ହେଲା। ଏହାର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୀ କୃଷ୍ଣଚନ୍ଦ୍ର ମହାରଣା ଓ ଡେପୁଟିମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ଉତ୍ପଳ ପାଇକରାୟ ଅଛନ୍ତି।

କ୍ରମେ ପାଇକକୁଶଡିହ ଗ୍ରାମର ଅଧିକାଂଶ ବାସିନ୍ଦା ଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ହେଲେ। ଶ୍ରୀଯୁକ୍ତ ଲିଙ୍ଗରାଜ ପାଇକରାୟଙ୍କ ପ୍ରସ୍ତାବ କ୍ରମେ ଗ୍ରାମବାସୀ ୮୪୪ ଡେସିମିଲି ଜମି ପାଠଚକ୍ର ଗୃହ ନିର୍ମାଣ ପାଇଁ ଅନୁମୋଦନ ଦେଲେ। ଏହି ପୂଣ୍ୟଭୂମିର ନାମ ରଖାଗଲା "ମାତୃତୀର୍ଥ"। ୧୯୮୮ ମସିହା ସାବିତ୍ରୀ ଅମାବାସ୍ୟା ତିଥିରେ ଶ୍ରୀ ଭଜକୃଷ୍ଣ ସାହୁ ପଣ୍ଡିଚେରୀ ଶ୍ରୀଅରବିନ୍ଦଙ୍କ ସମାଧୀପୀଠସ୍ଥ ପୁଷ୍ପ ଓ ବାଲୁକା ସମ୍ଭାର ମାଧ୍ୟମରେ ମାତୃତୀର୍ଥ ଭବନର ଶିଳାନ୍ୟାସ କଲେ। ବର୍ତ୍ତମାନ ଏଠାରେ ଏକ ସୁଶୋଭନ ଭବନ ଶ୍ରୀଅରବିନ୍ଦଙ୍କ ଦେହାବଶେଷ ଧାରଣ କରିବା ପାଇଁ ପ୍ରସ୍ତୁତ ହୋଇ ଅପେକ୍ଷା କରିଛି ୨୦୦୩ ଡିସେମ୍ବର ୨୩ ତରିଖର ସେହି ପରମ ଶୁଭ ମୁହୂର୍ତ୍ତକୁ।

ଶ୍ରୀଅରବିନ୍ଦ ତାଙ୍କର ଜୀବନ ଉତ୍ସର୍ଗ କରିଛନ୍ତି ଯଦ୍ୱାରା ଆମ୍ଭେମାନେ
ଦିବ୍ୟ ଚେତନା ମଧ୍ୟରେ ଜନ୍ମଲାଭ କରିପାରୁ।

– *ଶ୍ରୀମା*

*ଅନୁଷ୍ଠାନଗୁଡ଼ିକର ବିବରଣୀ...*

# ଆମ ସ୍ମୃତିର୍ ସାଧନାପୀଠ

## ସୋହେଲା, ବରଗଡ଼

**ସେ** ଏକ ଅତୀତ ମୁହୂର୍ତ୍ତ। ତଥାପି ଆମ ପାଇଁ ଜୀବନ୍ତ ଏବଂ ଅବିସ୍ମରଣୀୟ ଘଟଣା। ଭବିଷ୍ୟତର ବାର୍ତ୍ତାବାହକ, ଅତିମାନସ ଯୁଗର ଉଦ୍‌ଘୋଷକ ମହାଯୋଗୀ ଶ୍ରୀଅରବିନ୍ଦ ଦିବ୍ୟାନୁଭୂତିକୁ ସୋହେଲାର ମାଟି, ପାଣି, ପବନ ଭିତରେ ପ୍ରତିଷ୍ଠିତ କରିବାର ମାହେନ୍ଦ୍ର ବେଳା ଆସି ଉପଗତ। କଣୁଣାମୟୀ ମା'ଙ୍କ ଅପାର କରୁଣାର ଛନ୍ଦାୟିତ ମାଧୁର୍ଯ୍ୟମୟ ଲୀଳାର ପଦଧ୍ୱନୀ ଶୁଭୁଛି। ମର୍ମେ ମର୍ମେ ଅନୁଭୂତ ହେଉଛି ପ୍ରସ୍ତୁତିର ଏଇ ତ ଆରମ୍ଭ ମାତ୍ର।ସାଧନାପୀଠର ପୀଠାଧୀଶଙ୍କ ଆଗମନୀ ପାଇଁ କ୍ଷେତ୍ର ପ୍ରସ୍ତୁତିର ଶେଷ କାହିଁ ? ସେଥିପାଇଁ ତ ଆୟୋଜନ ଚାଲିଛି। ବ୍ୟକ୍ତି ଚେତନାର ରୂପାନ୍ତର ପାଇଁ ଏହି ପ୍ରସ୍ତୁତି ପର୍ବର ପରିସମାପ୍ତି ବା କାହିଁ ?

ବହୁଦିନର ସଙ୍କଳ୍ପ ଶେଷରେ ରୂପ ନେଇଥିଲା। ବିଗତ ୨୪.୪.୯୪ ରବିବାରୀୟ ସନ୍ଧ୍ୟା ସମୟରେ ଯେଉଁ ଚେତନାର ପ୍ରକାଶ ପାଇଁ ଅନ୍ତର୍ଚେତନାରୁ ପ୍ରସ୍ତାବ ଆସିଥିଲା ଟ୍ୟାକ୍ସି ୟୁନିୟନ୍ ଅଫିସ୍ ଗୃହରେ ଧ୍ୟାନ, ପ୍ରାର୍ଥନା ସହ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହେବ।

୧୦.୭.୯୪ ତାରିଖରେ ନିୟମିତ ପାଠଚକ୍ର କରିବାକୁ ଆନୁଷ୍ଠାନିକ ଭାବରେ ସିଦ୍ଧାନ୍ତ ନିଆଯାଇଥିଲା। ଅକ୍ଲାନ୍ତ ପରିଶ୍ରମ ଓ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ତା ୮.୮.୯୪ ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଶ୍ରୀଅରବିନ୍ଦ ପାଠଚକ୍ର ସୋହେଲାର ଶୁଭ ଉଦ୍‌ଘାଟନ ସମ୍ଭବପର ହୋଇ ପାରିଥିଲା। ଦିବ୍ୟଜନନୀ ଶ୍ରୀମା ଓ ଶାଶ୍ୱତ ପ୍ରଭୁ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟଧାରାକୁ ଅଧିକ ବଳିଷ୍ଠ, ବ୍ୟାପକ ଓ ସର୍ବଜନାଦୃତ କରିବା ପ୍ରସଙ୍ଗରେ ମାତୃଭକ୍ତଗଣ ତା ୧୫.୮.୯୪ରିଖ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାର ଶଙ୍ଖଧ୍ୱନୀ କଲେ। ସେହି ଦିନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶୁଭ ଉଦ୍‌ଘାଟନ ହେଲା।

ଦିବ୍ୟ ପ୍ରଭାବର ଅନୁଭୂତି ସର୍ବଦା ଅବର୍ଣ୍ଣନୀୟ। ଧୀରେ ଧୀରେ ଆରମ୍ଭ ହେବାକୁ ଲାଗିଲା ଶ୍ରୀଅରବିନ୍ଦ ପାଠଚକ୍ରର କର୍ମଧାରା। ପାଠଚକ୍ର ଓ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପାଇଁ ସ୍ଥାୟୀ ବାସଗୃହର ଆବଶ୍ୟକତା ଅନୁଭବ କଲୁ। ହଠାତ୍ ଦିନେ ସୁଶାନ୍ତ ଭାଇ ଓ ପ୍ରଶାନ୍ତ ଭାଇ ହଲଦିପାଲି ନିକଟସ୍ଥ ୪ ଏକର ୭୦ ଡିସମିଲ ଜମି ନିରୂପଣ କଲେ। ସେତେବେଳେ ସ୍ଥାନଟି ଖାଲଢ଼ିପ, ଅଣଓସାରିଆ, ପରିତ୍ୟକ୍ତ ଓ ସୋହେଲାର ସଂଗୃହୀତ ଆବର୍ଜନାର ପୀଠସ୍ଥାନ ଥିଲା। ସ୍ଥାନଟିର ଭୌଗଳିକ ଅବସ୍ଥିତି ଏପରି ଥିଲା ଯେ ପ୍ରଥମେ ମନ ଭିତରେ ଆଶଙ୍କା ଜନ୍ମିଥିଲା ଏଇଠି କିପରି ଦିବ୍ରଜନନୀଙ୍କ କର୍ମଧାରା ସମ୍ଭବ ହୋଇପାରିବ। କିନ୍ତୁ ଆଶ୍ଚର୍ଯ୍ୟ ଆମ ପୂର୍ବରୁ ମା' ନିଜେ ସ୍ଥାନଟିକୁ ନିରୂପଣ କରିସାରିଥିଲେ। କେତେ ଉତ୍ସାହ ଉଦ୍ଦୀପନାସହ ମାତୃକାର୍ଯ୍ୟ ଚାଲିଥିଲା ବେଳେ ଆମେ ତାହା ଅନୁଭବ କରୁଥିଲୁ। ପରିତ୍ୟକ୍ତ ସ୍ଥାନଟି ଆମ ସାଧନାର ପ୍ରକୃଷ୍ଟ ସ୍ଥାନ ହୋଇ ମା'ଙ୍କ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବାର ପ୍ରେରଣା ସୃଷ୍ଟି କଲା।

ସର୍ବସମ୍ମତ କ୍ରମେ ଉକ୍ତ ଜମି ଖଣ୍ଡକୁ ଲିଜ୍ ସୂତ୍ରରେ ପାଇବା ପାଇଁ ସରକାରଙ୍କ ପାଖରେ ଆବେଦନ କରିବାକୁ ସ୍ଥିର କରାଗଲା। ଉକ୍ତ ଜମିର ସୀମା ନିର୍ଦ୍ଧାରଣ କାର୍ଯ୍ୟରେ ଆର୍.ଆଇ. ଭୋଇ ବାବୁ, ସମ୍ପାଦକ ସୁଶାନ୍ତ ଭାଇ, ପ୍ରଶାନ୍ତ ଭାଇ ଓ ଅମ୍ବିନି ଭାଇ ଅହର୍ନିଶ ଲାଗି ପଡିଲେ। ସୀମା ନିରୂପଣ ପରେ ସରକାରଙ୍କଠାରେ ଆବେଦନ କରାଗଲା।

୧୯୯୫ ମସିହା ଅକ୍ଟୋବର ୧୦ ତାରିଖରେ ଶ୍ରୀଅରବିନ୍ଦ ଆଶ୍ରମର ପଣ୍ଡିଚେରୀ ସାଧକ ମଧୁସୂଦନ ମିଶ୍ରଙ୍କ ପାଠଚକ୍ର ପରିଦର୍ଶନ ଥିଲା ଏକ ଅଭୁଲା ସ୍ମୃତି। ତାଙ୍କ ଉପସ୍ଥିତି ଓ ମାତୃ ପ୍ରେରଣା ଆମକୁ ତୀବ୍ରତର ଭାବରେ କାର୍ଯ୍ୟ କରିବାର

ପ୍ରେରଣା ଯୋଗାଇ ଦେଇଥିଲା । ୧୯୯୬ ମସିହା ନଭେମ୍ବର ୨୦ ତାରଖରେ ରାଜ୍ୟ ସଙ୍ଗଠକ ଅନାଦି ଭାଇଙ୍କ ସୋହେଲା ପରିଦର୍ଶନ ବେଳେ କାର୍ଯ୍ୟଧାରାର ପ୍ରାଥମିକ ବେଶ ଉତ୍ସାହଜନକ ଥିଲା । ସଙ୍ଗତି ଜୋନ୍‌ର ଆବାହକ ପ୍ରଫୁଲ୍ଲ ପଟ୍ଟନାୟକ ଏହି ବିସ୍ତୃତ ସ୍ଥାନଟିକୁ ତିନୋଟି ଜୋନ୍‌ରେ ବିଭକ୍ତ କରିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ତାହା ହିଁ ହେଲା । (୧)Knowledge Zone (Education Centre), (୨) Silence Zone(ଧ୍ୟାନ ମନ୍ଦିର), (୩) Harmony Zone (play ground) । ଏହିପରି ତିନି ଭାଗରେ ବିଭକ୍ତ କରି କାର୍ଯ୍ୟ ଆରମ୍ଭ କରିବାର ସ୍ଥିର କରାଗଲା ।

ମାତୃ କାର୍ଯ୍ୟରେ ସୋହେଲାର ଅପା ଭାଇମାନେ ସମସ୍ତ ପ୍ରକାର କଷ୍ଟ ସ୍ୱୀକାର କରି ଯୁବଛାତ୍ର ଶିବିର, ଶିକ୍ଷକ ପ୍ରଶିକ୍ଷଣ ଶିବିର, ମହିଳା ସମ୍ମିଳନୀ ପ୍ରଭୃତି ଆୟୋଜନ କରିବାରେ କୁଣ୍ଠିତ ହୋଇନାହାନ୍ତି । 'ମାତୃ କୃପା ହିଁ କେବଳମ୍' ନୀତିରେ କାର୍ଯ୍ୟ କରିବାର ମନୋବଳ ଅପାଭାଇଙ୍କଠାରେଦେଖିବାକୁ ମିଳିଥାଏ । ୧୯୯୬ ମସିହାରୁ ପ୍ରତି ଦର୍ଶନ ଦିବସ ଗୁଡିକରେ ଆମ ପାଠଚକ୍ରର ସମସ୍ତ ଅପା,ଭାଇ ପଦଚାରଣ କରି ଏଠାକୁ ଆସୁଥିଲେ । ଧୂପ, ପୁଷ୍ପ ଓ ଧ୍ୟାନ ପ୍ରାର୍ଥନାରେ କିଛି କମ୍ ପୁଲକ ସୃଷ୍ଟି ହେଉ ନ ଥିଲା ସେତେବେଳେ ।

୧୯୯୮ ମସିହା ଜାନୁୟାରୀ ମାସରେ ପଣ୍ଡିଚେରୀ ସାଧକ ଛୋଟେ ନାରାୟଣ ଶର୍ମାଜୀଙ୍କର ସମ୍ବଲପୁର ଆଗମନ ହୁଏ ଏହି ଅବସରରେ ଶର୍ମାଜୀଙ୍କୁ ସୋହେଲା ମାଟିରେ ପାଇବାର ଆସ୍ପୃହା ଜନ୍ମେ । ଶର୍ମାଜୀଙ୍କୁ ପାଇ ଆମ ଭିତରେ ଅଫୁରନ୍ତ ଭାବ ତରଙ୍ଗ ଖେଳିଯାଇଥିଲା । ଯାହାକି ଆମେ ଭାଷାରେ ବ୍ୟକ୍ତ କରିପାରୁନାହୁଁ ।

ଏହି ନୂତନ ସ୍ଥାନଟିର ନାମକରଣ ପାଇଁ ବାବାଜୀ ମହାରାଜଙ୍କୁ ଅନୁରୋଧ କଲୁ । ବାବାଜୀ ମହାରାଜ ଦୁଇଟି ନାମରୁ ଗୋଟକକୁ ବାଛିବାକୁ କହିଲେ । (୧) ଶ୍ରୀଅରବିନ୍ଦ ସ୍ୱୟଂ ପ୍ରକାଶ କ୍ଷେତ୍ର (୨) ଶ୍ରୀଅରବିନ୍ଦ ସାଧନା ପୀଠ ।

ମା'ଙ୍କୁ ନିରନ୍ତର ପ୍ରାର୍ଥନା କରି ଶେଷରେ ଅପା ଭାଇମାନେ ଶ୍ରୀଅରବିନ୍ଦ ସାଧନା ପୀଠ ରଖିବାକୁ ମନସ୍ଥ କଲୁ ।

ସମୟକ୍ରମେ ସାଧନାପୀଠ ହୋଇ ଉଠିଲା ମାତୃ ସାଧନାର ପ୍ରକୃଷ୍ଟ କ୍ଷେତ୍ର । ୧୯୯୮ ଜାନୁୟାରୀ ୨୯ ତାରିଖ ଦିନ ଶର୍ମାଜୀ ସୋହେଲା ପରିଦର୍ଶନରେ ଆସି ଧ୍ୟାନ ମନ୍ଦିର/ ସମାଧି ମନ୍ଦିର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗଢ଼ି ଉଠିବାର ପ୍ରେରଣା ଦେଇଥିଲେ ।

ଏ କଥା ଅବଶ୍ୟ ଅବିସ୍ମରଣୀୟ ହୋଇ ରହିଛି ଯେ ସାଧନାପୀଠର ଜନ୍ମଜାତକରୁ ଆରମ୍ଭ କରି ଯୌବନାବସ୍ଥା ପର୍ଯ୍ୟନ୍ତ ସମସ୍ତ ଅଗ୍ରଗତି ମୂଳରେ ମା' ତାଙ୍କରି କାର୍ଯ୍ୟ ପୂରଣ ପାଇଁ ଯୋଗ୍ୟ ମାତୃଭକ୍ତଙ୍କୁ ନିର୍ବାଚିତ କରି ସାରିଥାନ୍ତି । ତାଙ୍କରି ମାଧ୍ୟମରେ ହିଁ ଅସମାହିତ କାର୍ଯ୍ୟକୁ ସମାହିତ କରିଥାନ୍ତି । ଠିକ୍ ସେହିପରି ମାତୃଭକ୍ତ ବିଧାୟକ ପ୍ରକାଶ ଚନ୍ଦ୍ର ଦେବତାଙ୍କୁ ମା' ନିଜେ ବାଛିଛନ୍ତି । ମା'ଙ୍କ ଯଥାଯୋଗ୍ୟ ସନ୍ତାନ ଭାବେ ବିଧାୟକ ଶ୍ରୀଯୁକ୍ତ ଦେବତା ମହାଶୟ ସାଧନାପୀଠର ସମସ୍ତ ନିର୍ମାଣ କାର୍ଯ୍ୟ ମୂଳରେ ତାଙ୍କ ନିରବଚ୍ଛିନ୍ନ ଅବଦାନ ଅତୁଳନୀୟ । ଏହା ସହିତ ସୁଶାନ୍ତ ଭାଇ, ଅଶ୍ୱିନୀ ଭାଇ, ମାନସ ଭାଇ, ସହଦେବ ଭାଇ, ନେତ୍ରାନନ୍ଦ ଭାଇଙ୍କ ଅକ୍ଳାନ୍ତ ଉଦ୍ୟମ ଭୁଲିଗଲେ ସାଧନାପୀଠର ତିକ୍ତ ମଧୁର ଅନୁଭୂତି ନିଶ୍ଚିତ ଭାବରେ ଅଧୁରା ହୋଇ ରହିଯିବ । ମା'ଙ୍କ ଅଶେଷ କରୁଣାରୁ ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଏମାନେ ସାଧନାପୀଠର ଉଜ୍ଜ୍ୱଳ ନକ୍ଷତ୍ର ସଦୃଶ ଶୋଭା ପାଇ ଆସୁଥିବେ ଏହା ଅବିସମ୍ବାଦିତ ।

*'ବନ୍ଦେ ମାତରମ୍'*

❀❀❀

ଯାହା ମା'ଙ୍କଠାରୁ ମିଳେ, ତାହା ମୋ'ଠାରୁ ମଧ୍ୟ ଆସିଥାଏ - ସେଥିରେ କୌଣସି ପାର୍ଥକ୍ୟ ନାହିଁ । ତେଣୁ ମୁଁ ଯଦି କିଛି ଦିଏ, ତେବେ ଏହା ମା'ଙ୍କ ଶକ୍ତିଦ୍ୱାରା ସାଧକ ନିକଟକୁ ପ୍ରେରିତ ହୁଏ ।

**– ଶ୍ରୀଅରବିନ୍ଦ**

❀❀❀

*ଅନୁଷ୍ଠାନଗୁଡ଼ିକର ବିବରଣୀ...*

# ଶ୍ରୀଅରବିନ୍ଦାଳୟ

## ଜୁନାଗଡ଼, କଳାହାଣ୍ଡି

୧୯୬୩ ମସିହା ଅଗଷ୍ଟ ୧୫ ତାରିଖ ଦିନ ପ୍ରଖ୍ୟାତ ଆନ୍ତର୍ଜାତିକ କଥାକାର ତଥା ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ ସାଧକ ଶ୍ରୀଯୁକ୍ତ ମନୋଜ ଦାସଙ୍କ ପ୍ରେରଣାରେ ଜୁନାଗଡ଼ରେ ଶ୍ରୀ ଲାଲମଣି ସାହୁଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ ପାଠଚକ୍ରର ଶୁଭାରମ୍ଭ ହୋଇଥିଲା ।

୧୯୬୯ ମସିହା ଫେବୃୟାରୀ ୨୦ ତାରିଖ ଦିନ ଶ୍ରୀ ପରମାନନ୍ଦ ସାହୁ ଲାଲମଣି ସାହୁଙ୍କ ସହିତ ଶ୍ରୀଅରବିନ୍ଦ ଆଶ୍ରମ ଦର୍ଶନରେ ଯାଇଥିଲେ । ଏହି ସମୟରେ ଆଶ୍ରମର ପୂଜ୍ୟ ବାବାଜୀ ମହାରାଜଙ୍କ ସହିତ ସାକ୍ଷାତ ଆଲୋଚନା ବେଳେ ପାଠଚକ୍ରର ସମ୍ପାଦକ ଦାୟିତ୍ୱ ତୁଲାଇବା ପାଇଁ ଶ୍ରୀ ପରମାନନ୍ଦ ସାହୁଙ୍କୁ ଓ ଲାଲମଣି ଭାଇଙ୍କୁ ପାଠଚକ୍ରର ସଭାପତି ରହିବାକୁ ପରାମର୍ଶ ଦେଲେ । ୧୯୭୦ ମସିହାରେ ଜୁନାଗଡ଼ରେ ଏକ ଆଞ୍ଚଳିକ ଯୁବଛାତ୍ର ଶିବିର ଦୀର୍ଘ ୧୦ ଦିନ ଧରି ଶ୍ରୀ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା ।

୧୯୭୧ ମସିହାରେ ବିଦ୍ୟୁତପ୍ରଭା ଦେବୀ ଓ ମଧୁ ଭାଇନାଙ୍କ ସହଯୋଗରେ ଏକ ୧୦ ଦିନିଆ ଯୁବଛାତ୍ର ଶିବିର ଆୟୋଜିତ ହୋଇଥିଲା । ପରମପ୍ରଭୁ ଶ୍ରୀଅରବିନ୍ଦଙ୍କର ଜନ୍ମ ଶତବାର୍ଷିକୀ ପାଳନ ଉପଲକ୍ଷ୍ୟେ ଜୁନାଗଡ଼ ସହର ସମେତ ଆଖପାଖ ଗାଁମାନଙ୍କରେ ଶ୍ରୀ ମଧୁସୂଦନ ମିଶ୍ରଙ୍କ ସହାୟତାରେ ଶ୍ରୀଅରବିନ୍ଦ ପାଠଚକ୍ରମାନ ଖୋଲାଗଲା । ମା ଓ ଶ୍ରୀଅରବିନ୍ଦଙ୍କର ବାଣୀ ଛପାଯାଇ ଦ୍ୱାରେ ଦ୍ୱାରେ ବଣ୍ଟାଯାଇଥିଲା । ୧୯୭୨ ମସିହା ମାର୍ଚ୍ଚ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଜୁନାଗଡ଼ରେ ଏକ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ପାଳନ କରାଗଲା । ଏହି ସମୟରେ ପୂଜ୍ୟ ବାବାଜୀ ମହାରାଜଙ୍କ ଦ୍ୱାରା ଶ୍ରୀଅରବିନ୍ଦାଳୟର ଭିତ୍ତିପ୍ରସ୍ତର ଶୁଭ ଦିଆଗଲା ।

୧୫.୮.୧୯୭୪ରେ ଶ୍ରୀଅରବିନ୍ଦଙ୍କର ପବିତ୍ର ଦେହାଂଶ ପ୍ରତିଷ୍ଠା ନିମନ୍ତେ ଅନୁଷ୍ଠାନକୁ ଲାଗି ୮୭ ଡେସିମିଲ ଜମି କ୍ରୟ କରାଗଲା, ଯେଉଁ ଜମିରେ ଆଜି ଶ୍ରୀଅରିନ୍ଦଙ୍କର ଦେହାଂଶ ସ୍ଥାପନା ମନ୍ଦିର ନିର୍ମାଣ ହୋଇଛି । ୧୫.୮.୧୯୭୬ ରେ ଅନୁଷ୍ଠାନ ତରଫରୁ ଏକ ଖାଉଟି ସମବାୟ କେନ୍ଦ୍ର ଖୋଲାଯାଇ ଓଡ଼ିଶାର ତତ୍‌କାଳୀନ ଶ୍ରମମନ୍ତ୍ରୀ ଶ୍ରୀଯୁକ୍ତ ବେଣୁଧର ବଳିୟାରସିଂଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା । ପୂର୍ବ ବର୍ଣ୍ଣିତ ସମସ୍ତ କାର୍ଯ୍ୟକ୍ରମ ପୂଜ୍ୟ ବାବାଜୀ ମହାରାଜଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପ୍ରପତ୍ତି ମହାଶୟଙ୍କ ସକ୍ରିୟ ପରାମର୍ଶରେ କରାଯାଉଥିଲା ।

୧୫.୧.୧୯୮୨ ରେ ଚମ୍ପକଲାଲଜୀ ଅନୁଷ୍ଠାନକୁ ପରିଦର୍ଶନରେ ଆସିଥିଲେ ।

ଶ୍ରୀଅରବିନ୍ଦାଳୟ ତରଫରୁ ଜୁନାଗଡ଼କୁ ପ୍ରଭୁଙ୍କର ଦେହାଂଶ ଆସିବା ପାଇଁ ୧୯୯୩ ମସିହା ଜୁଲାଇ ୧ରେ ନିଷ୍ପତ୍ତି ନିଆଗଲା । ୧୯୯୪ ମସିହା ଫେବୃୟାରୀ ୫ ଓ ୬ ତାରିଖରେ ଜୁନାଗଡ଼ରେ ଶ୍ରୀଅରବିନ୍ଦଙ୍କର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଶତବାର୍ଷିକୀ ମହାସମାରୋହରେ ପାଳନ କରାଗଲା । ୧୯୯୪ ମସିହା ଡିସେମ୍ବର ୨୨ ରୁ ୩୧ ତାରିଖ ପର୍ଯ୍ୟନ୍ତ ଜୁନାଗଡ଼ରେ ଏକ ଶ୍ରମଶିବିର ଅନୁଷ୍ଠିତ ହୋଇ ସେଥିରେ ଶିକ୍ଷାକେନ୍ଦ୍ରର ଉତ୍ତର ଦିଗର ପାଚେରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ସେହି ଦିନଠାରୁ ଅଦ୍ୟାବଧି ଶିକ୍ଷାକେନ୍ଦ୍ର ଭିତରେ ପନିପରିବା ଚାଷ କରାଯାଉଛି । ୧୯୯୮ ମସିହାଠାରୁ ପ୍ରଭୁଙ୍କର ଦେହାଂଶ ଆସିବା ପାଇଁ ପ୍ରସ୍ତୁତି ଆରମ୍ଭ ହେଲା । ୨୦୦୦ ମସିହା ଫେବୃୟାରୀ ୬ ତାରିଖରେ ଆସ୍ପୃହା ମଣ୍ଡଳ ତରଫରୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମୂହର ଛାତ୍ରଛାତ୍ରୀମାନଙ୍କର ସମ୍ମିଳନୀ ଆରମ୍ଭ କରାଗଲା । ସେହିଦିନ ଶ୍ରୀ ପ୍ରସାଦ ତ୍ରିପାଠୀ ଓ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଦେହାଂଶ ମନ୍ଦିର ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା । ୨୦୦୧ ମସିହା ଫେବୃୟାରୀ ୪ ତାରିଖରେ ମୂଳଦୁଆ ସମ୍ପନ୍ନ କରାଗଲା । ୨୦୦୨ ମସିହା ଫେବୃୟାରୀ ୪ ତାରିଖରେ ଧର୍ମଗଡ଼କୁ ପ୍ରଭୁଙ୍କର ଦେହାଂଶ ଆସିବା ସମୟରେ ୧ଘଣ୍ଟା ପାଇଁ ଶିକ୍ଷାକେନ୍ଦ୍ର ଭିତରେ ସାଧାରଣ ଦର୍ଶନ ନିମନ୍ତେ ରଖାଯାଇଥିଲେ । ୨୦୦୩ ମସିହା ଫେବୃୟାରୀ ଠାରୁ ଦେହାଂଶ ମନ୍ଦିରର ନିର୍ମାଣ କାର୍ଯ୍ୟ ନିୟମିତ ଭାବରେ ହୋଇ ଆସୁଅଛି । ଆମ୍ଭେମାନେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶର ଆଗମନୀ ନିମନ୍ତେ ନିଜକୁ ପ୍ରସ୍ତୁତ କରୁଛୁ ।

❑❑❑